ଧରିତ୍ରୀ
DHARITRI
ବାଲେଶ୍ୱର, ମଙ୍ଗଳବାର, ୨ ଅକ୍ଟୋବର, ୨୦୧୮

## ସ୍କୁଲରେ ଔଷଧ ବିତରଣକୁ ବିରୋଧ

**ବଡ଼ସାହି, ୧।୧୦(ସ୍ୱ.ପ୍ର./ଡି.ଏନ.ଏ.):** ରାଜ୍ୟ ପ୍ରାଥମିକ ଶିକ୍ଷକ ଫେଡେରେସନଙ୍କ ନିର୍ଦ୍ଦେଶ କ୍ରମେ ଜିଲାରେ ଥିବା ସମସ୍ତ ସ୍କୁଲର ଛାତ୍ରୀଛାତ୍ରଙ୍କ ପାଇଁ ଶିକ୍ଷକମାନଙ୍କୁ ଦିଆଯାଉଥିବା ଔଷଧ ବିତରଣକୁ ବିରୋଧ କରିବା ପାଇଁ ନିଷ୍ପତି ହୋଇଛି । ମୟୂରଭଞ୍ଜ ଜିଲାରେ କାର୍ଯ୍ୟରତ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଔଷଧ ବିତରଣ ନ କରିବା ପାଇଁ ଜିଲା ସଂଘ ପକ୍ଷରୁ ନିବେଦନ କରାଯାଇଛି । ଏ ସମ୍ପର୍କରେ ଜିଲା ପ୍ରାଥମିକ ଶିକ୍ଷକ ସଂଘର ଆବାହକ ମୁରଲୀଧର ନାଏକ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି । ସ୍କୁଲରେ ଔଷଧ ବିତରଣ କରିବା ପରେ ଛାତ୍ରୀଛାତ୍ରମାନେ ଏହାକୁ ସେବନ କରିବା ଦ୍ୱାରା ପାର୍ଶ୍ୱ ପ୍ରତିକ୍ରୀୟା ହେତୁ ସେମାନେ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଏପରିକି ଜନସମର୍ଥନର ଅଭାବ ପାଇଁ ଅଭିଭାବକମାନେ ଏହାର ଦୃଢ ବିରୋଧ କରୁଛନ୍ତି । ବିଗତ କିଛି ଦିନ ତଳେ ବଲାଙ୍ଗୀର ଜିଲା ସଇଁତଳା ବ୍ଲକରେ ଜଣେ ପ୍ରଧାନ ଶିକ୍ଷକ ଜନସାଧାରଣଙ୍କ ଆକ୍ରୋଶର ଶିକାର ହୋଇ ପ୍ରାଣ ହରାଇଛନ୍ତି। ଏହାକୁ ନେଇ ରାଜ୍ୟ ପ୍ରାଥମିକ ଶିକ୍ଷକ ଫେଡେରେସନ ନିନ୍ଦା କରିବା ସହିତ ଔଷଧ ବିତରଣ କାର୍ଯ୍ୟକ୍ରମ ନ କରିବା ପାଇଁ ନିଷ୍ପତି ନେଇଛନ୍ତି ।

## ବରିଷ୍ଠ ନାଗରିକ ଦିବସ

**ରାଇରଙ୍ଗପୁର, ୧।୧୦ (ଡି.ଏନ୍.ଏ.):** ରାଇରଙ୍ଗପୁର ସରକାରୀ ହାଇସ୍କୁଲ ପରିସରରେ ସୋମବାର ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ଅତିଥିଭାବେ ବରିଷ୍ଠ ନାଗରିକ ତଥା ମୟୁରଭଞ୍ଜ ସ୍ୱାସ୍ଥ୍ୟ ବିଭାଗୀୟ ଅବସର ପ୍ରାପ୍ତ ମେଡିସିନ ବିଶେଷଜ୍ଞ ଡ. ପ୍ରମୋଦ ନାଥ ଭୂୟାଁ, ରାଇରଙ୍ଗପୁର ହାଇସ୍କୁଲ ପ୍ରଧାନ ଶିକ୍ଷକ ଗୌତମ ବଳିୟାର ସିଂହ, ଆଡଭକେଟ୍ ତୁଷାର କାନ୍ତ ପ୍ରମୁଖ ଯୋଗଦେଇଥିଲେ। ବରିଷ୍ଠ ନାଗରିକ ସଂଗଠନର ସମ୍ପାଦକ ରସାନନ୍ଦ ଲେଙ୍କାଙ୍କ ଆୟୋଜିତ ସଭାରେ ବରିଷ୍ଠ ସଂଗଠନର ବସନ୍ତ କୁମାର ଦାସ ଯୋଗ ଦେଇଥିଲେ।

# ଖବରଦାତାଙ୍କୁ ଆକ୍ରମଣ ପ୍ରତିବାଦରେ ବିକ୍ଷୋଭ

**ବାସୁଦେବପୁର, ୧।୧୦(ଡି.ଏନ.ଏ.)**

ପୁରୀ ଏବଂ ବାଲେଶ୍ୱର ଜିଲାର ବାଲିଆପାଳ, ସୋର ଅଞ୍ଚଳର ଖବରଦାତାଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାକୁ ଦୃଢ଼ ପ୍ରତିବାଦ କରିଛନ୍ତି ବାସୁଦେବପୁର ବ୍ଲକର କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧି। ଏହି ପରିପ୍ରେକ୍ଷୀରେ ଖବରଦାତାମାନେ ସୋମବାର ବିକ୍ଷୋଭ ପ୍ରଦର୍ଶନ କରିବା ସହ ପ୍ରତିବାଦ ଶୋଭାଯାତ୍ରା କରିଥିଲେ। ଏନେଇ ଖବରଦାତାମାନେ ଅତିରିକ୍ତ ତହସିଲଦାର ସନ୍ତୋଷ ପାଣିଗ୍ରାହୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ହାଇସ୍କୁଲ ଛକଠାରେ



ଖବରଦାତାମାନେ ଅତିରିକ୍ତ ତହସିଲଦାର ସନ୍ତୋଷ ପାଣିଗ୍ରାହୀଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ପ୍ରତିବାଦ ସଭା କରାଯାଇଥିଲା। ପରେ ଖବରଦାତାମାନେ ଶୋଭାଯାତ୍ରାରେ ବାସୁଦେବପୁର ଅଞ୍ଚଳ ପରିକ୍ରମା କରି ତହସିଲ ପରିସରରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଗଣତନ୍ତ୍ରର ଜାଗ୍ରତ ପ୍ରହରୀ ଖବରଦାତାଙ୍କ ଉପରେ ଆକ୍ରମଣଙ୍କୁ ସେମାନେ ନିନ୍ଦା କରିବା ସହିତ ଆକ୍ରମଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଏହି ବ୍ଲକରେ କାର୍ଯ୍ୟରତ ଖବରଦାତାମାନେ କଳାବ୍ୟାଜ୍ ପରିଧାନ କରି ପ୍ରତିକାତ୍ମକ ବିରୋଧ ଜାରି ରଖିବେ ବୋଲି ନିଷ୍ପତ୍ତି ନିଆଯାଇଛି। ବରିଷ୍ଠ ଖବରଦାତା କିଶୋର କୁମାର ମହାପାତ୍ରଙ୍କ ଆବାହକତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ୧୫ରୁ ଊର୍ଦ୍ଧ୍ୱ ଖବରଦାତା ଯୋଗଦେଇଥିଲେ। ଖବରଦାତାଙ୍କ ପ୍ରତିବାଦ ସଭାକୁ ସମର୍ଥନ ଜଣାଇ ଓକିଲ ସଂଘ ସଭାପତି ନାରାୟଣ ନାୟକ, ମହିଳା ସାମାଜିକ କର୍ମୀ ମମତା ଜେନା ଆକ୍ରମଣ ଘଟଣାକୁ ନିନ୍ଦା କରିଥିଲେ।

## 'ବରିଷ୍ଠ ନାଗରିକଙ୍କୁ ଉପଯୁକ୍ତ ସମ୍ମାନ ମିଳୁ'

**ଧାମନଗର, ୧।୧୦(ଡି.ଏନ.ଏ.)**

ଭଦ୍ରକ ଜିଲା ପ୍ରଶାସନ ପକ୍ଷରୁ ଧାମନଗର ବ୍ଲକ ସଭାଗୃହରେ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ବରିଷ୍ଠ ନାକରିକଙ୍କ ପାଇଁ ୨୦୦୭ ଅଧିନିୟମ ଅନୁସାରେ ପ୍ରୋତ୍ସାହନ ଲାଗି ଏହି ଦିବସ ପାଳନ କରାଯାଇଆସୁଛି। ବରିଷ୍ଠ ନାଗରିକଙ୍କୁ ସୁରକ୍ଷା ଦେବା ସହ ସମାଜରେ ପ୍ରତ୍ୟେକ କ୍ଷେତ୍ରରେ ସେମାନଙ୍କୁ ସମ୍ମାନ ଓ ସହଯୋଗର ହାତ ବଢ଼ାଇବା ଜରୁରୀ ବୋଲି ଉତ୍ସବରେ ଯୋଗଦେଇଥିବା ବକ୍ତାମାନେ ମତବ୍ୟକ୍ତ କରିଥିଲେ। ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ ବରିଷ୍ଠ ନାଗରିକଙ୍କୁ କାର୍ଯ୍ୟରେ ତୁରନ୍ତ ସହଯୋଗ କରାଯିବ ଉଚିତ। ସେମାନଙ୍କୁ ଧାଡ଼ିରେ ଠିଆ ନ କରାଇ ଦେବାର ନିୟମ ଥିବାବେଳେ ଅଧିକାଂଶ ସ୍ଥାନରେ ଏହାକୁ ପାଳନ କରାଯାଉ ନ ଥିବା କୁହାଯାଇଥିଲା। ବିଶେଷକରି ଥାନା, ଡାକ୍ତରଖାନା ଏବଂ ବ୍ୟାଙ୍କରେ ବରିଷ୍ଠମାନଙ୍କୁ ଅଧିକ ସୁରକ୍ଷା ଜରୁରୀ। ବରିଷ୍ଠ ନାଗରିକମାନଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ଉପଯୁକ୍ତ ସମ୍ମାନ ମିଳୁ ବୋଲି ଦାବି କରାଯାଇଥିଲା। ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ତହସିଲଦାର ଅଭିଲିପ୍ସା ପଟ୍ଟନାୟକ, ଧାମନଗର ବରିଷ୍ଠ ନାଗରିକ ସଂଘ ସଭାପତି ଘଣ୍ଟେଶ୍ୱର ସାହୁ, ସାଧାରଣ ସମ୍ପାଦକ ସଚିକାନ୍ତ ପଣ୍ଡା, ଧୂଷୁରୀ ସଂଘ ପକ୍ଷରୁ ଚନ୍ଦ୍ରଶେଖର ନାୟକ, ସଂଗ୍ରାମୀ ବ୍ରଜକିଶୋର ରାଉତ, ଏମ୍‌ପିଙ୍କ ପ୍ରତିନିଧି ନାରାୟଣ ଚନ୍ଦ୍ର ସାହୁ, ବିବିସିସି ସଭାପତି ରଘୁନାଥ ଲେଙ୍କା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିନୋଦ ନାୟକ, ବ୍ଲକ ସମ୍ପ୍ରସାରଣ ଅଧିକାରୀ ଦେବେନ୍ଦ୍ର ନାୟକ, ରାମଚନ୍ଦ୍ର ସାହୁ, ନିରାକାର ଧଳ ପ୍ରମୁଖ ଯୋଗଦେଇଥିଲେ।

## ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ପ୍ରତିବାଦରେ ରାସ୍ତାରୋକୋ




ମାରିସା ପକ୍ଷରୁ ମୁର୍ଗାବାଡି ଠାରେ ରାସ୍ତାରୋକ କରାଯାଇଛି।

**ବାରିପଦା ଅଫିସ, ୧।୧୦**

ମୟୂରଭଞ୍ଜ ଜିଲାରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ବିରୋଧରେ ସୋମବାର ମୟୂରଭଞ୍ଜ ଆଦିବାସୀ ରିଭୋଲ୍ୟୁସନାରୀ ୟୁଥ ଆଣ୍ଡ ଷ୍ଟୁଡେଣ୍ଟ ଆସୋସିଏସନ (ମାରିସା) ପକ୍ଷରୁ ରାସ୍ତାରୋକୋ କରାଯାଇଛି। ମାରିସା ସଭାପତି ଅର୍ଜୁନ ମୁର୍ମୁ ଓ କାର୍ଯ୍ୟକାରୀ ସଭାପତି ଧରମରାଜ ହାଁସଦାଙ୍କ ନେତୃତ୍ୱରେ ମୁର୍ଗାବାଡିଠାରେ ପୂର୍ବାହ୍ନ ୯ ଟା ୩୦ରୁ ଜାତୀୟ ରାଜପଥ ୧୮ ଅବରୋଧ କରାଯାଇଥିଲା। ଜିଲାରେ ସମସ୍ତ ଡାକ୍ତରଖାନାରେ ଡାକ୍ତର ତଥା ଅନ୍ୟ କର୍ମଚାରୀ ପଦବୀ ଖାଲି ରହିଛି। ଏହା ପୂରଣ କରିବାରେ ପ୍ରଶାସନ ତଥା ସରକାର ଗୁରୁତ୍ୱ ଦେଉ ନାହିଁ। ଏହା ସହିତ ସରକାରଙ୍କ ବିଭିନ୍ନ ଯୋଜନାରୁ ମଧ୍ୟ ସାଧାରଣ ଲୋକେ ଲାଭ ପାଇପାରୁ ନାହାନ୍ତି। ଏହାକୁ ବିରୋଧ କରି ମାରିସା ରାସ୍ତାରୋକୋ କରିଥିଲା। କେତେକ କର୍ମକର୍ତ୍ତାଙ୍କୁ ଗିରଫ କରିବା ପରେ ରାସ୍ତାରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା।

## ପର୍ଯ୍ୟବେକ୍ଷକଙ୍କୁ ଆକୃଷ୍ଟ କରିବାକୁ ଉଦ୍ୟମ

**ମୋରଡା, ୧।୧୦**

ମୋରଡା ନିର୍ବାଚନ ମଣ୍ଡଳୀକୁ ରବିବାର ପ୍ରଥମ ଥର ପାଇଁ ପର୍ଯ୍ୟବେକ୍ଷକ ବିଧାୟକ ଡ. ଅରୁଣ କୁମାର ସାହୁ ଏବଂ ବିଧାୟକ ତଥା ପର୍ଯ୍ୟବେକ୍ଷକ ପ୍ରଣବ ବଳବନ୍ତରାୟ ଆସିଥିଲେ। ଆଗକୁ ନିର୍ବାଚନ ଥିବାରୁ ସେମାନଙ୍କୁ ଆକୃଷ୍ଟ କରିବା ପାଇଁ ଉକ୍ତ ନିର୍ବାଚନ ମଣ୍ଡଳୀର ଆଶାୟୀମାନେ ଜୋରଦାର ଉଦ୍ୟମ କରିଥିବା ଜଣାପଡିଛି। ଅବସରପ୍ରାପ୍ତ ବାୟୁସେନା ଅଧିକାରୀ ତଥା ଶିକ୍ଷାବିତ କମଳେନ୍ଦୁ ଲାଲ ମହାନ୍ତଙ୍କ ନେତୃତ୍ୱରେ ଏକ ବାଇକ୍ ରାଲି ଚିତ୍ରଡାରୁ ପର୍ଯ୍ୟବେକ୍ଷକଙ୍କୁ ସ୍ୱାଗତ କରି ଶୀର୍ଷାପାଳ ଛକକୁ ଆଣିଥିଲେ। ଏହି ଅବସରରେ ମହିଳା ଓ ଯୁବତୀମାନେ ଝୁମର ଓ ଅନ୍ୟ ପାରମ୍ପରିକ ନୃତ୍ୟ ପରିବେଷଣ କରିଥିଲେ। ଏହାପରେ ସ୍ୱାଭିମାନ ବାଇକ ରାଲି ଚିତ୍ରଡା ଛକରୁ ବାହାରି ମୋରଡା ବଜାର ହୋଇ ଶୁଳିଆପଦା ବ୍ଲକ ଅଞ୍ଚଳକୁ ଯାଇଥିଲା।




ଗାନ୍ଧୀ ଜୟନ୍ତୀ ପୂର୍ବରୁ ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡାରେ ବାଲୁକା ଶିଳ୍ପୀ ଦଶରଥ ମହାନ୍ତ 'ସ୍ୱଚ୍ଛତା ହିଁ ସେବା'ର ବାର୍ତ୍ତା ଦେଇଛନ୍ତି।

## ଅଗ୍ନିଶମ ବିଭାଗର ମକଡ୍ରିଲ

**ବିଶୋଇ, ୧।୧୦**

ବିଶୋଇ ବ୍ଲକ ଅନ୍ତର୍ଗତ ନଙ୍ଗଳବେଣ୍ଟା ପୋଖରିଆ ଆଶ୍ରମ ବିଦ୍ୟାଳୟ ପରିସରରେ ସୋମବାର ବିଶୋଇ ଅଗ୍ନିଶମ ବିଭାଗ ପକ୍ଷରୁ ମକଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଶୋଇ ଅଗ୍ନିଶମ କାର୍ଯ୍ୟାଳୟର ମୁଖ୍ୟ ଆଗ୍ନିକ ବସନ୍ତ କୁମାର ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଆଗ୍ନିକ ସତ୍ୟବ୍ରତ ପୁହାଣ, ସଂଗ୍ରାମ କେଶରୀ ବାରିକ, ବିଚିତ୍ର କୁମାର ସେଠୀ, ସୁରେଶ ସେଠି, ଗାଡିଚାଳକ ହିମାଂଶୁ ଶେଖର ରାଉତରାୟ ସହଯୋଗ କରିଥିଲେ।

DADLS-125



ଓଡ଼ିଶା ସରକାର

ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳନ ଉପଲକ୍ଷେ

ଖୋର୍ଦ୍ଧା ଜିଲ୍ଲା ବାଲିଅନ୍ତା ଗାନ୍ଧୀ ପୀଠରେ ଆୟୋଜିତ
ଗାନ୍ଧିଜୀ ଓ ଓଡ଼ିଶା ଶୀର୍ଷକ ଫଟୋଚିତ୍ର ପ୍ରଦର୍ଶନୀ ପରିଦର୍ଶନ
ବାଳକାଟି – ବାଲିଅନ୍ତା ପୁରୁଣା ଜଗନ୍ନାଥ ସଡ଼କର କୁଶଭଦ୍ରା ନଦୀ ଉପରେ ନବନିର୍ମିତ
ମହାତ୍ମା ସେତୁ
ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ
ଏବଂ
ଗାନ୍ଧୀ ଜ୍ୟୋତିଯାତ୍ରାର ଶୁଭାରମ୍ଭ କରିବେ

ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ

୨ ଅକ୍ଟୋବର ୨୦୧୮
ପୂର୍ବାହ୍ନ ଘ.୧୦.୪୫ ମିନିଟ୍

ଜନସାଧାରଣ ବହୁ ସଂଖ୍ୟାରେ ଯୋଗଦେବା ପାଇଁ ବିନମ୍ର ଅନୁରୋଧ ।



ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ

15001/13/0272/1819

## ସଂକ୍ଷେପରେ

### ୟୁଥ୍ ରେଡ୍‌କ୍ରସ୍ ପକ୍ଷରୁ ସଫେଇ



**ବାଲେଶ୍ୱର ଅଫିସ, ୧।୧୦:** ବାଲେଶ୍ୱର ଫକୀରମୋହନ କନିଷ୍ଠ ମହାବିଦ୍ୟାଳୟ ପରିସରରେ ସୋମବାର ୟୁଥ୍ ରେଡ୍‌କ୍ରସ୍ ତରଫରୁ ସ୍ୱଚ୍ଛ ଭାରତ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏହାକୁ ମହାବିଦ୍ୟାଳୟ ଅଧକ୍ଷା ଡ. ମିନତୀ ସେଠୀ ଉଦଘାଟନ କରିଥିଲେ। ୟୁଥ୍ ରେଡ୍‌କ୍ରସ୍‌ର ଉପସଭାପତି ଅଧାପିକା ପଲ୍ଲିଶ୍ରୀ ଆଇଚଙ୍କ ନେତୃତ୍ୱରେ ସ୍ୱେଚ୍ଛାସେବୀ ଓ ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରମାନେ ମହାବିଦ୍ୟାଳୟ ପରିସରକୁ ସଫେଇ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅଧ୍ୟାପକ ଶୁଭକାନ୍ତ ସେଠୀ, ପ୍ରଦୀପ କୁମାର ରଣା ଓ ଅନ୍ୟାନ୍ୟ କର୍ମଚାରୀ ଯୋଗଦାନ କରିଥିଲେ। 'ସ୍ୱଚ୍ଛତା ହିଁ ସେବା' ଏହି ଅଭିଯାନର ମୁଖ୍ୟ ବାର୍ତ୍ତା ଥିଲା। ଶେଷରେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ. ସନ୍ତୋଷ କୁମାର ରାଉତ ଧନ୍ୟବାଦ ଅର୍ପଣ ସହ ସଫେଇ ଅଭିଯାନକୁ ସଫଳ କରିଥିଲେ।

### ନହଙ୍ଗ ମହିଳା ମହାବିଦ୍ୟାଳୟରେ ପରାକ୍ରମ ପର୍ବ



**ଖଇରା, ୧।୧୦(ଡି.ଏନ.ଏ):** ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ନହଙ୍ଗସ୍ଥିତ ପଞ୍ଚାୟତ ସମିତି ଜୁନିୟର ମହିଳା ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଓ ପତଞ୍ଜଳି ଯୋଗ ସମିତି ଆନୁକୂଲ୍ୟରେ ସର୍ଜିକାଲ ଷ୍ଟ୍ରାଇକର ୨ବର୍ଷ ପୂର୍ତ୍ତୀ ଉପଲକ୍ଷେ ପରାକର୍ମ ପର୍ବ ପାଳିତ ହୋଇଯାଇଛି। ଏଥିନିମନ୍ତେ ମହାବିଦ୍ୟାଳୟ ପରିସରରେ ଆୟୋଜିତ ପଥପ୍ରାନ୍ତ ସଭାରେ ହରିଦ୍ୱାର ଆଶ୍ରମରୁ ଆସିଥିବା ସ୍ୱାମୀ ଦୀପକ ପାଣି, ଯୋଗ ପ୍ରଚାରକ ମୁକ୍ତିକାନ୍ତ ପାଣିଗ୍ରାହୀ ନିଜ ବକ୍ତବ୍ୟରେ ଏଭଳି କାର୍ଯ୍ୟକ୍ରମ ଦେଶର ସୈନ୍ୟବାହିନୀର ମନୋବଳ ବୃଦ୍ଧି କରିବ ବୋଲି ପ୍ରକାଶ କରିଥିଲେ। ଅଧକ୍ଷା ଅନୀତାରାଣୀ ନାୟକ, ଅଧାପିକା ଜ୍ୟୋତ୍ସ୍ନାବାଳା ଦାସ, ଅଳକାନନ୍ଦା ସାହୁ ଓ ମମତାମୟୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ମହାବିଦ୍ୟାଳୟ ଜାତୀୟ ସେବା ସଂସ୍ଥାର ସମସ୍ତ ସ୍ୱେଚ୍ଛାସେବୀ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ବିଜୁ ଯୁବବାହିନୀ ପକ୍ଷରୁ ସଫେଇ



**ବସ୍ତା, ୧।୧୦(ସ୍ୱ.ପ୍ର.):** ବସ୍ତା ବ୍ଲକ ଅନ୍ତର୍ଗତ ମୁକୁଳିସି ଚନ୍ଦନ ପଡ଼ିଆରେ ସ୍ଥାନୀୟ ବିଜୁ ଯୁବ ବାହିନୀ ଦ୍ୱାରା ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। ଆଗାମୀ ଗାନ୍ଧୀ ଜୟନ୍ତୀ ଅବସରରେ ନିଶା ନିବାରଣ ପାଇଁ ଏହି ସଙ୍ଗଠନ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ସଭାପତି ବିଷ୍ଣୁପଦ ପତି, ବିଜେଡି ଯୁବ ସଭାପତି ଜୟନ୍ତ ବେହେରା, ଦିଲୀପ ବିଶ୍ୱାଳ, ବିଜୟୀ ବେହେରା, ତରୁଣ କାନ୍ତ ପୁଷ୍ଟି, ବଳରାମ ଦାସ ରାଜ ବାରିକ, ଭୁବନ ପ୍ରଧାନ, ବିଶ୍ୱଜିତ ଦାସ, ପ୍ରମୁଖ ସୂଚନା ଦେଇଥିବା ବେଳେ ଉକ୍ତ ସଫେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ରକ୍ତଦାନ ଦିବସ ପାଳିତ

**ଜଳେଶ୍ୱର, ୧।୧୦(ଡି.ଏନ୍.ଏ.):** ବାଲେଶ୍ୱର ଜିଲା ରକ୍ତଦାତା ସଂଘ ତରଫରୁ ସୋମବାର ଜଳେଶ୍ୱର ସହର ଦେଉଳି ପଞ୍ଚୁଘଣ୍ଟାସ୍ଥିତ ଏକ ଘରୋଇ ଶିକ୍ଷାନୁଷ୍ଠାନରେ ଜାତୀୟ ରକ୍ତଦାନ ଦିବସ ପାଳିତ ହୋଇଯାଇଛି। ଜିଲା ରକ୍ତଦାତା ସଂଘର ସଭାପତି କମଲ ଚକ୍ରବର୍ତ୍ତୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ମାନନୀୟ ଅତିଥି ଭାବେ ସଂଘର ସାଧାରଣ ସମ୍ପାଦକ ଇଂ ଡ. ହୃଷିକେଶ ସାହୁ, ସ୍ଥାନୀୟ ବିଡିଓ ନିତ୍ୟାନନ୍ଦ ସାହୁ, ଆଇଆଇସି ପ୍ରଦୀପ କୁମାର ମାଝି, ମ୍ୟୁନିସିପାଲିଟି ଇଓ ଗିରିଧାରୀ ବାରିକ, ସଂଘର ସଭ୍ୟ ଅଜିତ ମହାନ୍ତି, ସୁବ୍ରତ ରଣା ପ୍ରମୁଖ ଯୋଗଦେଇ ଥିଲେ।

# ତେଜୁଛି ମଦ ବିରୋଧୀ ଆନ୍ଦୋଳନ

**ସୋର, ୧।୧୦(ଡି.ଏନ.ଏ.)**

ବାଲେଶ୍ୱର ଜିଲା ସୋର ଥାନା ଅନ୍ତର୍ଗତ ଅନନ୍ତପୁର ବଜାରରେ ଥିବା ସରକାରୀ ମଦ ଦୋକାନ ସ୍ଥାନାନ୍ତର ଦାବି ଦିନକୁ ଦିନ ତେଜିବାରେ ଲାଗିଛି। ଏହି ଦାବି ପ୍ରତି ପ୍ରଶଶସନ ପକ୍ଷରୁ ଗୁରୁତ୍ୱ ଦିଆଯାଉ ନ ଥିବାରୁ ସୋମବାର ଶତାଧିକ ମହିଳା ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସୋର ଥାନା ଅଧିକାରୀ କ୍ଷମାସାଗର ପଣ୍ଡା,

**ମିଳିଲା ପ୍ରତିଶ୍ରୁତି, ହଟିଲା ଧାରଣା**

ଅତିରିକ୍ତ ତହସିଲଦାର ଲିପ୍ସା ରାୟ, ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ବିବେକାନନ୍ଦ ନାୟକ, ଇନ୍ସପେକ୍ଟର ଏହି ଦାବି ନେଇ କରୁଣାଶଙ୍କର ତିୱାରୀ, ସୋର ଅବକାରୀ ଅଧିକାରୀ କୁଳମଣି ମହାରଣା ପ୍ରମୁଖ ଆନ୍ଦୋଳନକାରୀଙ୍କଠାରେ ପହଞ୍ଚି ଦାବିପତ୍ର ଗ୍ରହଣ କରିବା ସହିତ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଜିଲା ପରିଷଦ ସଭ୍ୟା ନିରୋଧପ୍ରଭା ପଣ୍ଡାଙ୍କ ନେତୃତ୍ୱରେ ବହୁ ମହିଳା ଆନ୍ଦୋଳନର ସାମିଲ ହୋଇଥିଲେ।

ମୁଖ୍ୟ ରାସ୍ତା କଡ଼ରେ ଖୋଲାଖୋଲି ଭାବେ ମଦ ବିକ୍ରି କରାଯାଉଥିବାରୁ ଏହା ରାସ୍ତାରେ ଯାତାୟାତ କରୁଥିବା ଛାତ୍ରୀଛାତ୍ର ଓ ସ୍ଥାନୀୟ ଜନସାଧାରଣଙ୍କ ଉପରେ କୁପ୍ରଭାବ ପଡୁଛି । ଯୁବକମାନେ ନିଶାଗ୍ରସ୍ତ ହୋଇ ରାସ୍ତାରେ ଗାଳିଗୁଲଜ କରିବା ସହିତ ଦୁର୍ବ୍ୟବହାର କରୁଛନ୍ତି। ଫଳରେ ଏଠାରେ ଆଇନ ଶୃଙ୍ଖଳା ପରିସ୍ଥିତି ଜଟିଳ ହୋଇପଡୁଛି। ଏହାକୁ ଯଥା ଶୀଘ୍ର ଅନ୍ୟତ୍ର ସ୍ଥାନାନ୍ତରିତ କରିବା ପାଇଁ ଦାବି କରାଯାଇଛି।

## ଅକ୍ଟୋବର ପାଇଁ ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ
## ଜିଲାପାଳଙ୍କଠାରେ ୧୫୦ରୁ ଊର୍ଦ୍ଧ୍ୱ ଅଭିଯୋଗ

**ବାଲେଶ୍ୱର ଅଫିସ, ୧।୧୦**

ବାଲେଶ୍ୱର ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର ସୋମବାର ଜିଲାପାଳ ଅଫିସ୍‌ରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ରମେଶ ଚନ୍ଦ୍ର ରାଉତ ଏବଂ ଆରକ୍ଷୀ ଅଧୀକ୍ଷକ ବି. ଯୁଗଳ କିଶୋର କୁମାରଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଶିବିରରେ ଉପସ୍ଥିତ ଥିଲେ। ସମସ୍ତ ଅଭିଯୋଗର ଶୁଣାଣି ଶେଷ ହେବା ପର୍ଯ୍ୟନ୍ତ ଏହା ଚାଲୁ ରହିଥିଲା। ୧୫୦ରୁ ଊର୍ଦ୍ଧ୍ୱ ଅଭିଯୋଗ ନେଇ ଅଞ୍ଚଳବାସୀ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ସେହିପରି ଆସନ୍ତା ୯ ତାରିଖ ବସ୍ତା ବ୍ଲକ ଅଫିସ, ୧୫ରେ ଜିଲାପାଳଙ୍କ ଅଫିସ, ୨୨ରେ ଖଇରା ବ୍ଲକ ଅଫିସରେ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ। ୨୯ତାରିଖରେ ସଦର ବ୍ଲକ ଅନ୍ତର୍ଗତ ବାହାବଳପୁର ପଞ୍ଚାୟତରେ ମହା ସମାଧାନ ଶିବିର ଅନୁଷ୍ଠିତ ହେବ ବୋଲି ଜିଲା ପ୍ରଶାସନ ତରଫରୁ ସୂଚନା ମିଳିଛି।

## 'ବରିଷ୍ଠ ନାଗରିକଙ୍କୁ ସ୍ୱତନ୍ତ୍ର ସୁବିଧା ଯୋଗାଇ ଦିଆଯାଉ'

**ସିମୁଳିଆ, ୧।୧୦(ଡି.ଏନ.ଏ.)**

ବରିଷ୍ଠ ନାଗରିକ ଦିବସ ଅବସରରେ 'ସିମୁଳିଆର ବରିଷ୍ଠ ନାଗରିକ ମଞ୍ଚ' ପକ୍ଷରୁ ସୋମବାର ବ୍ଲକର ସଦର ମହକୁମା ମାର୍କୋଣାରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସକାଳେ ବରିଷ୍ଠ ନାଗରିକ ମାନେ ମେଡ଼ିକାଲ ପରିସର ସଫେଇ କରିବା ସହିତ ରୋଗୀମାନଙ୍କୁ ଫଳ ବଣ୍ଟନ କରିଥିଲେ।



ବରିଷ୍ଠ ନାଗରିକମାନଙ୍କ ଦ୍ୱାରା ସଫେଇ କରାଯାଉଛି।

ପୂର୍ବାହ୍ନ ୧୦ଟାରେ ସିମୁଳିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ନାଗରିକ ତଥା ବରି ହାଇସ୍କୁଲର ପ୍ରାକ୍ତନ ଶିକ୍ଷକ ଚତୁର୍ଭୁଜ ପାଣିଗ୍ରାହୀଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବର ମୁଖ୍ୟଅତିଥି ରୂପେ ଡା. ବିଜୟ କୁମାର ପଣ୍ଡା ଯୋଗଦେଇ ବରିଷ୍ଠ ନାଗରିକମାନଙ୍କୁ ସ୍ୱତନ୍ତ୍ର ସୁବିଧା ଯୋଗାଇ ଦିଆଯିବ ବୋଲି କହିଥିଲେ। ମୁଖ୍ୟବକ୍ତା ରୂପେ ଡା. ସୋନାଲି ପତି, ସମ୍ମାନନୀୟ ଅତିଥି ରୂପେ ବିଡିଓ ଡ. ନରହରି ବେହେରା, ତହସିଲଦାର ରବୀନ୍ଦ୍ର କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ଉପସଭାପତି ବାଳକୃଷ୍ଣ ନନ୍ଦ, ସଭାପତି ମୂରଲୀଧର ପାଢ଼ୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବରେ ମଞ୍ଚର ସଭ୍ୟାସଭ୍ୟମାନେ ସହଯୋଗୀ ଥିଲେ।

## କଂଗ୍ରେସ ନେତା, ସମର୍ଥକ ଭାଜପାରେ ସାମିଲ

**ଭୋଗରାଇ, ୧।୧୦(ଡି.ଏନ.ଏ.)**

ଭୋଗରାଇ ଭାଜପା କାର୍ଯ୍ୟାଳୟ ପରିସରରେ ରବିବାର ବନ୍ଧୁମିଳନ ଓ ମିଶ୍ରଣପର୍ବ ଅନୁଷ୍ଠିତ ହୋଇଯାଇଛି। କଂଗ୍ରେସର ଯୁବନେତା ସଞ୍ଜିବ କୁମାର ସାହୁ ଓ ତାଙ୍କ ଶତାଧିକ ସମର୍ଥକ ଭାଜପାରେ ସାମିଲ ହୋଇଛନ୍ତି। ସାହୁଙ୍କ ସମର୍ଥକ ୩୦ନମ୍ବର ଜିଲାପରିଷଦର ପୂର୍ବତନ ସଦସ୍ୟା ରକ୍ମଣୀ ଚାନ୍ଦ, କୁସୁଡ଼ା ପଞ୍ଚାୟତ ବରିଷ୍ଠ ନେତା ଗୌରାଙ୍ଗ ମହାନ୍ତି, ନହରା ପଞ୍ଚାୟତର ପୂର୍ବତନ ସରପଞ୍ଚ ସୁକୁମାର ସୁର, ନାଛିଦା ପଞ୍ଚାୟତର ପୂର୍ବତନ ସରପଞ୍ଚ ଖଗେନ୍ଦ୍ର ନାୟକ, ପୁଟିଣା ପଞ୍ଚାୟତର ନେତା ଗଙ୍ଗାଧର ପାତ୍ର, ବାଉଁଶଡ଼ିହା ପଞ୍ଚାୟତର ଦୀପକ ଜେନା ପ୍ରମୁଖ ନେତାମାନେ ଭାଜପାରେ ସାମିଲ ହୋଇଛନ୍ତି। ମିଶ୍ରଣ ପର୍ବରେ ଗତ ବିଧାନସଭା ପ୍ରାର୍ଥୀ ପରେଶ



ଭାଜପା କାର୍ଯ୍ୟାଳୟରେ ମିଶ୍ରଣ ପର୍ବରେ ନେତା ଓ କର୍ମୀ।

ଚନ୍ଦ୍ର ନାୟକ, ପୂର୍ବତନ ଭାଜପା ଭୋଗରାଇ ଶାଖାର ସଭାପତି ପୂର୍ଣ୍ଣେନ୍ଦୁ ଆଚାର୍ଯ୍ୟ, ଜିଲା ଯୁବମୋର୍ଚ୍ଚା ସଂଯୋଜକ ତୁଷାରେନ୍ଦୁ ସିଂହ, ଭୋଗରାଇ ଜୋନ ସଭାପତି ସୁନୀଲ କର, ବରିଷ୍ଠ ନେତା ଭବଶଙ୍କର ମହାନ୍ତି, ଅମଳେନ୍ଦୁ ଦାସ ପ୍ରମୁଖ ସାମିଲ ହୋଇଥିବା ନୂତନ ସଦସ୍ୟମାନଙ୍କୁ ପୁଷ୍ପମାଲ୍ୟ ଦେଇ ସ୍ୱାଗତ ଜଣାଇଥିଲେ।

## 'ପ୍ରତିକୂଳ ପରିସ୍ଥିତିକୁ ସକାରାତ୍ମକ ଦୃଷ୍ଟିକୋଣରୁ ବିଚାର ଜରୁରୀ'

**ବାଲେଶ୍ୱର ଅଫିସ, ୧।୧୦**

ବାଲେଶ୍ୱର ସହରସ୍ଥିତ ଆତିଥ୍ୟ ଭବନରେ 'ପ୍ରାପ୍ତି' (ଏକ ଆଧାତ୍ମିକ ଓ ସାଂସ୍କୃତିକ ସମନ୍ୱୟ ଅନୁଷ୍ଠାନ)ର ଉଦ୍‌ଘାଟନୀ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରାଜ୍ୟ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟର ପ୍ରାକ୍ତନ ନିର୍ଦ୍ଦେଶକ ଚୂଡ଼ାମଣି ସେଠ୍ ଯୋଗଦେଇ ମଣିଷ ଜୀବନ ଦିବ୍ୟପ୍ରାପ୍ତିର ମୂଳ ଆଧାର। ମଣିଷ ଜଟିଳତା ମଧ୍ୟରେ ତା'ର ମୂଳ ସ୍ୱରୂପକୁ ଦିନକୁ ଦିନ ଭୁଲିଯାଉଛି। ମାନସିକ ପ୍ରଦୂଷଣରୁ ଓହରି ମୂଲ୍ୟଯୁକ୍ତ ଜୀବନଶୈଳୀର ଅଭ୍ୟାସ କରିବା, ସମସ୍ତ ପ୍ରକାର ପ୍ରତିକୂଳ ପରିସ୍ଥିତିର ଏକ ସକାରାତ୍ମକ ଦୃଷ୍ଟିକୋଣ ନେଇ ନିଜର ଜୀବନାଦର୍ଶକୁ ଆଧାତ୍ମିକ ସ୍ପର୍ଶ ଦେଇ ସୁନ୍ଦର ଜୀବନ ଗଢି ତୋଳିବା 'ପ୍ରାପ୍ତି' ଅନୁଷ୍ଠାନର



ଉଦ୍‌ଘାଟନୀ ଉତ୍ସବରେ ଅତିଥି।

ଲକ୍ଷ୍ୟ ବୋଲି ମତବ୍ୟକ୍ତ କରିଥିଲେ।

ଅନୁଷ୍ଠାନର ସଭାପତି ଡ. କୁମାର ଗୋପାଳ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ପଣ୍ଡିତ ବୀରେନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥି ଯୋଗାଚାର୍ଯ୍ୟ କମଳାକାନ୍ତ ପାଣିଗ୍ରାହୀ ଓ ପିଞ୍ଛାବଣିଆ ଗୁରୁକୁଳ ଆଶ୍ରମର ପ୍ରଧାନ ଆଚାର୍ଯ୍ୟ ବିଜୟ ନାୟକ, ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ଭାବେ ସମାଜସେବୀ ସୁବାସିନୀ ଜେନା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଅନୁଷ୍ଠାନର ସଂସ୍ଥାପିକା ଗୀତାଞ୍ଜଳି ପାଣିଗ୍ରାହୀ ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ କରିବା ସହ ସ୍ୱାଗତ ଭାଷଣ ରଖିଥିଲେ। ଉତ୍ସବର ଉଦ୍ଦେଶ୍ୟ ସମ୍ପର୍କରେ ପ୍ରାକ୍ ସୂଚନା ପ୍ରଦାନ କରିଥିଲେ କବି କାଳିପଦ ପଣ୍ଡା। ଏହି ଅବସରରେ ଇଂ. ହୃଷିକେଶ ସାହୁ, କବି ପ୍ରଶାନ୍ତ ଦାସ ଏବଂ ମମତା ସାହୁଙ୍କ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

## 'ପରିଣତ ବୟସରେ ମା'ବାପାଙ୍କୁ ଅବହେଳା ଅପରାଧ'

**ବାଲେଶ୍ୱର ଅଫିସ, ୧।୧୦**

ବାଲେଶ୍ୱର ଗାନ୍ଧି ସ୍ମୃତି ଭବନରେ ଜିଲାସ୍ତରୀୟ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ସୋମବାର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ପାଳିତ ହୋଇଯାଇଛି। ଉଦ୍‌ଘାଟକ ଭାବେ ଜିଲାପାଳ ରମେଶ ଚନ୍ଦ୍ର ରାଉତ ଯୋଗଦେଇ ପରିଣତ ବୟସରେ ଝିଅପୁଅମାନେ ସମୟ ଅଭାବର ଆଳ ଦେଖାଇ ମା'ବାପାଙ୍କୁ ଅବହେଳା କରିବା ସହ ବିଭିନ୍ନ ଜରାନିବାସକୁ ପ୍ରେରଣ କରିବା ଅପରାଧ ସଦୃଶ। ଏହି ଅତ୍ୟାଚାର ବିରୋଧରେ ସରକାରଙ୍କ ଦ୍ୱାରା ପ୍ରଦତ୍ତ ବିଭିନ୍ନ ଆଇନ ଉପରେ ମାର୍ଗଦର୍ଶନ କରାଇଥିଲେ। ବରିଷ୍ଠ ନାଗରିକ ମଞ୍ଚର ସଭାପତି ବୈଦ୍ୟନାଥ ଷଡ଼ଙ୍ଗୀ ସଭାପତିତ୍ୱ



ସଭାରେ ଜିଲାପାଳ ଉଦ୍‌ବୋଧନ ଦେଉଛନ୍ତି।

କରିଥିବା ବେଳେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ କମଳାକାନ୍ତ ବେହେରା ପ୍ରାକ୍ ସୂଚନା ଓ ମଞ୍ଚ ପରିଚାଳନା କରିଥିଲେ।

ଜିଲାର ବିଭିନ୍ନ ପ୍ରାନ୍ତରରୁ ୫ଶହରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ ଯୋଗ ଦେଇଥିଲେ। ଦୃଷ୍ଟିହୀନ ବିଦ୍ୟାଳୟର ଛାତ୍ରୀଛାତ୍ର ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଅତିରିକ୍ତ ଜିଲାପାଳ ମାନସ ରଞ୍ଜନ ପାଢ଼ୀ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ତ୍ରିଲୋଚନ ପ୍ରଧାନ, ଉପଜିଲାପାଳ ନୀଲୁ ମହାପାତ୍ର ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ସରକାରଙ୍କ ଦ୍ୱାରା ପ୍ରଦତ୍ତ ଆଇନ୍, ସେବା ଉପରେ ବିଶଦ ଭାବେ ଆଲୋଚନା କରିଥିଲେ।



ଖଇରା ଥାନା ପରିସରରେ ଥାନା ଅଧିକାରିଣୀଙ୍କ ସହ ଏନ୍‌ସିସି କ୍ୟାଡେଟ୍।

## ଏନ୍‌ସିସି ଛାତ୍ରୀଛାତ୍ରଙ୍କ ସଫେଇ କାର୍ଯ୍ୟକ୍ରମ

**ଖଇରା, ୧।୧୦(ଡି.ଏନ.ଏ.)**

ଖଇରା ମହାବିଦ୍ୟାଳୟ ସମର ଶିକ୍ଷାର୍ଥୀ ବାହିନୀ ପକ୍ଷରୁ ରବିବାର ଖଇରା ଥାନା ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସଫେଇ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏନସିସି ପ୍ରଶିକ୍ଷକ ଡଃ ଉଦୟ ରଞ୍ଜନ ଦାସଙ୍କ ତତ୍ତ୍ୱାବଧାନରେ କ୍ୟାଡେଟମାନେ ଏକ ଶୋଭାଯାତ୍ରାରେ ମହାବିଦ୍ୟାଳୟରୁ ବାହାରି ସ୍ୱଚ୍ଛ ଭାରତ ସଚେତନତାର ବାର୍ତ୍ତା ଦେଇ ଥାନାରେ ପହଞ୍ଚିଥିଲେ। ଖଇରା ଥାନା ପରିସରରେ ପୂର୍ବରୁ ଲଗାଯାଇଥିବା ବୃକ୍ଷ ମୂଳକୁ ସଫା କରିବା ସହ ପଲିଥିନ ଓ ଅନ୍ୟାନ୍ୟ ଆବର୍ଜନା ଗୋଟାଇ ଡଷ୍ଟବିନରେ ପକାଇଥିଲେ। ଖଇରା ଥାନା ଅଧିକାରିଣୀ ଲୋପାମୁଦ୍ରା ନାୟକ, ଏଏସ୍‌ଆଇ ଶ୍ୟାମସୁନ୍ଦର ବିନ୍ଧାଣୀ ସେମାନଙ୍କୁ ସହାୟତା କରିଥିଲେ। ପରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ୍ୟ ସଫେଇ କାର୍ଯ୍ୟ କରାଯାଇଥିଲା।

### କନିଷ୍କ ବୋଧିସତ୍ତ୍ୱ ଆର୍‌ଟିଓର ସଦସ୍ୟ ହେଲେ

**ଜଳେଶ୍ୱର, ୧।୧୦(ଡି.ଏନ୍.ଏ):** ବାଲେଶ୍ୱର ଜିଲାସ୍ଥିତ ଆଞ୍ଚଳିକ ପରିବହନ ଅଧିକାରୀ(ଆର୍‌ଟିଓ)ଙ୍କ ନବଗଠିତ କମିଟିରେ ବିଜେଡି ଯୁବନେତା କନିଷ୍କ ବୋଧିସତ୍ତ୍ୱଙ୍କୁ ସଦସ୍ୟ ଭାବେ ମନୋନୀତ କରାଯାଇଛି। ରାଜ୍ୟ ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗର ସୁପାରିଶ କ୍ରମେ କନିଷ୍କଙ୍କୁ ଉକ୍ତ କମିଟିରେ ସଦସ୍ୟ ଭାବେ ଗ୍ରହଣ କରାଯାଇଛି ବୋଲି ସୂଚନା ମିଳିଛି। ଏନେଇ କନିଷ୍କ ବୋଧିସତ୍ତ୍ୱ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ପୂରଣ ହେବ ଦୀର୍ଘବର୍ଷର ଦାବି
## ରାସ୍ତା ଲାଗି ୩ କୋଟି ୩ ଲକ୍ଷ ୮୫ ହଜାର ମଞ୍ଜୁର

**ବାହାନଗା, ୧।୧୦(ଡି.ଏନ.ଏ.)**

ବାହାନଗା ବ୍ଲକ କଲ୍ୟାଣୀ ଗ୍ରାମର ଦୀର୍ଘବର୍ଷର ଦାବି ପୂରଣ ହେବାକୁ ଯାଉଛି। ଗ୍ରାମ ରାସ୍ତା ପାଇଁ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ୩ କୋଟି ୩ଲକ୍ଷ ୮୫ ହଜାର ଟଙ୍କା ମଞ୍ଜୁର ହୋଇଛି। ଏନେଇ ଗ୍ରାମବାସୀ କଲ୍ୟାଣୀ ଗ୍ରାମର ଦୁର୍ଗାମନ୍ଦିର ପରିସରରେ ଏକ ଖବରଦାତା ସମ୍ମିଳନୀ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି। ଶିକ୍ଷାବିତ୍ ପ୍ରଭାକର ମିଶ୍ର ସଭାପତିତ୍ୱ କରିଥିଲେ। କଲ୍ୟାଣି ପଞ୍ଚାୟତର ପୂର୍ବତନ ସରପଞ୍ଚ ନିଳାମ୍ବର ମହାଳିକଙ୍କ ସମେତ ପଞ୍ଚାୟତର ୬ଜଣ ୱାର୍ଡସଭ୍ୟା ଆରତୀ ଦାସ, ମଞ୍ଜୁଲତା ମହାକୁଡ, ଶାନ୍ତିଲତା ଜେନା, ପଦ୍ମାବତୀ ମହାଳିକ, ନାଏବ ସରପଞ୍ଚ ସୁଚିସ୍ମିତା ଜେନା ପ୍ରମୁଖ ଉପସ୍ଥିତ ଥିଲେ। ପଞ୍ଚାୟତର ମହେନ୍ଦ୍ର ପ୍ରସାଦ ମହାକୁଡ, ଆଇନଜୀବୀ ପ୍ରତାପ ଜେନା, ପର୍ଶୁରାମ ଦାସ, ଉପେନ୍ଦ୍ର ମଳିକ, ରତ୍ନାକର ମହାଳିକ, ପରମାନନ୍ଦ ବେହେରା, ନରେନ୍ଦ୍ର ପାଲ, ପ୍ରଦୀପ କୁମାର ମହାଳିକ ଓ ମନ୍ମଥ ଦାସ ପ୍ରମୁଖ ଗ୍ରାମବାସୀ ଉପସ୍ଥିତ ଥିଲେ। ମଞ୍ଜୁରୀ ଅର୍ଥରେ ଗ୍ରାମର ହାଟୁଆଣି ଛକଠାରୁ ଗିଳିଦା ଛକ ମୋଟ ୬ କି.ମି. ରାସ୍ତା ନିର୍ମାଣ ହେବ।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଲୋକପ୍ରତିନିଧି ଓ ଗ୍ରାମବାସୀ।

SIKKIM STATE LOTTERIES
SHRI PUJA BUMPER
1 CRORE
MRP ₹ 100/-
4th Draw on 20.10.2018
1st Prize ₹
2nd Prize ₹ 10 Lakhs
And Many More Attractive Prizes
POSTAGE FREE Tickets worth Rs. 1000/- will be sent by Regd. Post. Send BANK DRAFT / MONEY ORDER with full ADDRESS and PIN CODE to the following address
Patrons are requested to give their Mobile nos., So that delivery of tickets are done without hassle
AREA STOCKIST VIRA AGENCY 173 M.G. ROAD, KOLKATA-700007 Ph: 033-22680568 / 9874285573

CLASSIFIED DISPLAY

Puja Offer!
Buy any 4 Passenger CAR Radial Tyres & Get a Wrist Watch Absolutely FREE
* T & C Apply
Offer Period: 1st - 31st Oct, 2018
MICHELIN BRIDGESTONE TRIANGLE CEAT apollo MRF
RAJDHANI TYRES
Shop No.: 3 & 4, Metro Enclave, Cuttack Road (Near Okil Bagh), Bhubaneswar
Branch: PPL Colony, Khandagiri, Bhubaneswar

NON WOVEN BAG & PAPER CUP MACHINE
Full Automatic & Manual Non Woven Bag, Paper Cup & Plate Making Machines are Available Earn Monthly ₹ 20,000/- to ₹ 2,00,000/- with Buy Back Agreement
BLU IMPEX
NEAR BIG BAZAR, PATIA, BHUBANESWAR.
8106447191

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋଡାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଏକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆମେ କରିଥିବା କାମକୁ କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ ଯଦି କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
9650446732 9971793786

ଅଶ୍ୱିନୀ ଅପସ୍ମାର ବାତ କ୍ଲିନିକ୍
ବାରମ୍ବାର ଅପସ୍ମାର ବାତରେ ପୀଡ଼ିତ ରୋଗୀ ମାନେ ପ୍ରତି ଶନିବାର ଦିବା ୯ଟାରୁ ୧୨ ଘଟିକା ମଧ୍ୟରେ ଅଶ୍ୱିନୀ ହସ୍ପିଟାଲ୍‌ର ଅପସ୍ମାର ବାତ କ୍ଲିନିକ୍‌ରେ ଚିକିତ୍ସା ପରାମର୍ଶ କରିପାରିବେ ।
ASHWINI HOSPITAL
ଯୋଗାଯୋଗ - ୭୮୯୪୪୬୦୪୪୩

## ସଂକ୍ଷେପରେ

### ଖବରଦାତାଙ୍କ ପାଇଁ ସୁରକ୍ଷା ଆଇନ ଦାବି

**ତିହିଡ଼ି,୧।୧୦(ଡି.ଏନ.ଏ.):** ଭଦ୍ରକ ଜିଲା ତିହିଡ଼ି ପ୍ରେସ୍ କ୍ଲବ ପକ୍ଷରୁ ସ୍ଥାନୀୟ ଡାକବଙ୍ଗଳା ପରିସରରେ ରବିବାର ସନ୍ଧ୍ୟାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। କ୍ଲବର ସଭାପତି ସଞ୍ଜିତ କୁମାର ବଳ ଏଥିରେ ପୌରୋହିତ୍ୟ କରିଥିଲେ। ଖବରଦାତାଙ୍କ ଉପରେ ବାରମ୍ବାର ଆକ୍ରମଣକୁ ନିନ୍ଦା କରାଯିବା ସହ ଖବରଦାତାଙ୍କ ପାଇଁ ସରକାରଙ୍କ ପକ୍ଷରୁ ସୁରକ୍ଷା ଆଇନ ଲାଗୁ ସକାଶେ ଦାବି କରାଯାଇଥିଲା। କ୍ଲବର ଉପଦେଷ୍ଟା ରାମନାରାୟଣ ନାୟକ, ବିଭୂତି ଭୂଷଣ ଗ୍ରହାଚାର୍ଯ୍ୟ ଓ ପ୍ରଭାତ ରାଉଳ, ସମ୍ପାଦକ ମାନସ ନାୟକ, ଉପସଭାପତି ସଞ୍ଜୟ ଦାସ, ସହସମ୍ପାଦକ ରାଜେଶ କୁମାର ସେଠୀ, କୋଷାଧ୍ୟକ୍ଷ ଆଲୋକ ବିକାଶ ପ୍ରିୟଦର୍ଶୀ, ସଦସ୍ୟ ମନୋଜ ଦାସ, ଅଶୋକ ପାଢ଼ୀ, ରଞ୍ଜନ ମିଶ୍ର, ନିଶିକାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ବୁଥ୍‌ସ୍ତରରୁ ଦଳକୁ ସୁଦୃଢ଼ ଲାଗି ଆହ୍ୱାନ

**ଭଦ୍ରକ ଅଫିସ,୧।୧୦:** ଭାଜପାର ଭଦ୍ରକ ବିଧାନସଭାର ନେତା ଡା. ପ୍ରଦୀପ ନାୟକଙ୍କ ନେତୃତ୍ୱରେ ଶହୀଦ ସ୍ମୃତି ଭବନଠାରେ ବୁଥ୍‌ସ୍ତରୀୟ କାର୍ଯ୍ୟକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ବିଧାନସଭାର ସମସ୍ତ ବୁଥ୍ ସଭାପତି, ଶକ୍ତିକେନ୍ଦ୍ର ପ୍ରମୁଖ ଏବଂ ୱାର୍ଡର ମୁଖ୍ୟ ଯୋଗଦେଇଥିଲେ। ଭଦ୍ରକ ବିଧାନସଭାରେ ଭାଜପା କିପରି ବୁଥ୍‌ସ୍ତରରୁ ସୁଦୃଢ଼ ହେବ ଏବଂ ପ୍ରଧାନମନ୍ତ୍ରୀଙ୍କ ଲୋକାଭିମୁଖୀ ଯୋଜନା କିପରି ଲୋକଙ୍କ ପାଖରେ ପହଞ୍ଚିବ, ସେନେଇ ଡା. ନାୟକ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପଞ୍ଚାୟତରୁ ଶହେରୁ ଅଧିକ ବିଜେଡି ଓ କଂଗ୍ରେସ କର୍ମୀ ଭାଜପାରେ ଯୋଗଦେଇଥିଲେ। ପରେ ଆୟୁଷ୍ମାନ ସେବାକୁ ରାଜ୍ୟ ସରକାର ପ୍ରତ୍ୟାଖାନ କରିବା ସମ୍ପର୍କରେ ଲୋକଙ୍କୁ ସଚେତନ କରାଇବା ପାଇଁ ପଦଯାତ୍ରା କରାଯାଇଥିଲା। ଅପର୍ତ୍ତିବିନ୍ଧା ଛକ, ବନ୍ତଛକ, ମେଡିକାଲ ନିକଟରେ ପଥପ୍ରାନ୍ତ ସଭା କରାଯାଇ ଦସ୍ତଖତ ଅଭିଯାନର ଶୁଭାରମ୍ଭ କରାଯାଇଥିଲା। ଜିଲା ସାଧାରଣ ସମ୍ପାଦକ ପ୍ରଭାତ କୁମାର ଜେନା, ବରିଷ୍ଠ ନେତା ଭାସ୍କର ଚନ୍ଦ୍ର ସାହୁ, ବିଦ୍ୟାଧର ସାହୁ, ଅମ୍ବିକା ଦାସ, ଭଦ୍ରକ ବିଧାନସଭା ପ୍ରଭାରୀ ବୀରେନ୍ଦ୍ର କୁମାର ଜେନା, ପାଞ୍ଚମଣ୍ଡଳର ସଭାପତି ପ୍ରଭାକର ସାମଲ, ଆଦିକାନ୍ତ ନାୟକ, ଉତ୍ତମ ପାତ୍ର, ନାରାୟଣ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

### ଆମ ପୋଲିସ ବୈଠକ

**ପଦ୍ମପୁର,୧।୧୦(ଡି.ଏନ.ଏ.):** ଭଦ୍ରକ ବ୍ଲକ ଅଧୀନ ସାବରଙ୍ଗ ଫାଣ୍ଡିଠାରେ ଆମ ପୋଲିସ ବୈଠକ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ଗ୍ରାମାଞ୍ଚଳ ଥାନା ଏସ୍‌ଆଇ ମହମ୍ମଦ ହାଫିଜ, ଫାଣ୍ଡି କନଷ୍ଟେବଲ ଗଗନ କୁମାର ସେନ୍, ରଜତ ପାଣିଗ୍ରାହୀ, ସନ୍ତୋଷ କୁମାର ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ସ୍ଥାନୀୟ ସାବରଙ୍ଗ, ସାହାଡା, ଗୋରାମାଟି ଅଞ୍ଚଳର ଜନସାଧାରଣ ବୈଠକରେ ଉପସ୍ଥିତ ରହି ବିଭିନ୍ନ ସମସ୍ୟା ସମ୍ପର୍କରେ ପୋଲିସ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ସାବରଙ୍ଗ ଫାଣ୍ଡିରେ ଫାଣ୍ଡି ଅଧିକାରୀ ନ ଥିବାରୁ ବିଭିନ୍ନ ଅସୁବିଧା ହେଉଛି। ଏଠାରେ ତୁରନ୍ତ ଫାଣ୍ଡି ଅଧିକାରୀ ନିଯୁକ୍ତି ଲାଗି ଦାବି କରାଯାଇଥିଲା। ଏସ୍‌ଆଇ ମହମ୍ମଦ ହାଫିଜ ଜନସାଧାରଣଙ୍କ ଅଭିଯୋଗ ଶୁଣିବା ସହ ଆଇନଶୃଙ୍ଖଳା ରକ୍ଷା ପାଇଁ ପୋଲିସକୁ ସହଯୋଗ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ଉପସ୍ଥିତ ଜନସାଧାରଣ ଏଥିରେ ସହମତି ଜଣାଇବା ସହ ପୋଲିସର ସହଯୋଗ ଲୋଡ଼ିଥିଲେ।

### ଶିଶୁମନ୍ଦିରରେ ସ୍ୱାସ୍ଥ୍ୟ ଶିବିର

**ଭଣ୍ଡାରିପୋଖରୀ,୧।୧୦(ଡି.ଏନ.ଏ.):** ଭଣ୍ଡାରିପୋଖରୀ ବ୍ଲକ ଖୋଲମପୁର ବୌଦ୍ଧବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ଏକଦିବସୀୟ ସ୍ୱାସ୍ଥ୍ୟ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାମନ୍ଦିରର ୧୪୦ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଡା. ଜ୍ୟୋତିପ୍ରକାଶ ସ୍ୱାଇଁ, ଡା. ସ୍ୱାତୀ ପରିଡ଼ା ନାୟକ, ଫାର୍ମାସିଷ୍ଟ ବିନୋଦ ବିହାରୀ ପଣ୍ଡା, ମହିଳା ସ୍ୱାସ୍ଥ୍ୟକର୍ମୀ ମଧୁସ୍ମିତା ବିଶ୍ୱାଳ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ବିଦ୍ୟାମନ୍ଦିର ସମ୍ପାଦକ ବିଶ୍ୱମ୍ବର ରାଉତ, ପ୍ରଧାନଆଚାର୍ଯ୍ୟ ନିର୍ମଳ ବିଶ୍ୱାଳ, ଅନସୂୟା ପୁହାଣ, ମନୀଷା ନାୟକ, ସୁରେଶ ରାଉତ, ପ୍ରିୟଙ୍କା ସେଠୀ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ବିଶ୍ୱେଶ୍ୱର ନାୟକ ଧନ୍ୟବାଦ ଦେଇଥିଲେ।

# ଅବହେଳିତ ଅବସ୍ଥାରେ ଗାନ୍ଧୀଙ୍କ ସ୍ମୃତି

(ବିଷ୍ଣୁପ୍ରସାଦ ବେହେରା)
**ଭଦ୍ରକ ଅଫିସ,୧।୧୦**

ସ୍ୱାଧୀନତା ସଂଗ୍ରାମ ଇତିହାସରେ ଭଦ୍ରକର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଧାମନଗରରେ ଲୁଣିଆ ଗୁଳିକାଣ୍ଡ, ବାସୁଦେବପୁର ଇରମ ଗୁଳିକାଣ୍ଡ ଏବଂ ସ୍ୱାଧୀନ ଭାରତ ପାଇଁ ଭଣ୍ଡାରିପୋଖରୀ ଥାନାପୋଡ଼ି ଭଳି ଘଟଣା ଓ ସଂଗ୍ରାମୀଙ୍କ ଆତ୍ମବଳିଦାନର ଗାଥା ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି। ସେତେବେଳ ଜାତିର ଜନକ ମହାତ୍ମା ଗାନ୍ଧୀ ଭଦ୍ରକ ଜିଲାକୁ ୩ ଥର ଆସି ସ୍ମୃତି ଛାଡ଼ି ଯାଇଛନ୍ତି। ସେହି ସମୟରେ ଗାନ୍ଧୀଙ୍କ ଗସ୍ତ ପରେ ଏହି ଅଞ୍ଚଳରେ ଆନ୍ଦୋଳନ ତୀବ୍ର ରୂପ ଧାରଣ କରିଥିଲା। ଦେଶ ସ୍ୱାଧୀନ ହେବା ପରେ ଗାନ୍ଧୀଙ୍କ ସ୍ମୃତି ରକ୍ଷା ଲାଗି ଅନେକ ସ୍ମାରକୀ ନିର୍ମାଣ ହୋଇଛି। ହେଲେ ଏହାର ରକ୍ଷଣାବେକ୍ଷଣ ହେଉ ନ ଥିବାରୁ ଗାନ୍ଧୀ ପ୍ରତିମୂର୍ତ୍ତି ଏବେ ଅବହେଳିତ ଅବସ୍ଥାରେ ରହିଛି। ଗାନ୍ଧୀଙ୍କ ଗସ୍ତ ଓ ଅନ୍ୟାନ୍ୟ ସ୍ମାରକୀର ସ୍ମୃତି ରକ୍ଷା ପାଇଁ କେନ୍ଦ୍ର ସରକାର କରିଥିବା ଗାନ୍ଧୀ ସର୍କିଟ ଯୋଜନା ମଧ୍ୟ ଏଠି ବାଟବଣା ହୋଇଛି। ଗାନ୍ଧୀଙ୍କ ଜୟନ୍ତୀ ଆସିଲେ ସରକାରୀ ଅଧିକାରୀ ଓ ନାଗରିକମାନଙ୍କର ମନେ ପଡୁଛି ପୂଜ୍ୟପୂଜାର କଥା। ଭଦ୍ରକ ଗାନ୍ଧୀ ପଡ଼ିଆରେ ଥିବା ତାଙ୍କ ପ୍ରତିମୂର୍ତ୍ତି ଏହାର ନିଚ୍ଛକ ଉଦାହରଣ।

ଦେଶ ସ୍ୱାଧୀନ ହେବା ପରେ ମହାତ୍ମା ଗାନ୍ଧୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏହି ପଡ଼ିଆରେ ତାଙ୍କ ପ୍ରତିମୂର୍ତ୍ତି ନିର୍ମାଣ କରାଯାଇଥିଲା। ହେଲେ ପରେ ରକ୍ଷଣାବେକ୍ଷଣ ଅଭାବରୁ ଏହା ଗତ ୭ରୁ ୮ବର୍ଷ ହେଲା ଭାଙ୍ଗିରୁଜି ଯାଇଛି। ପ୍ରତିମୂର୍ତ୍ତିରୁ ରଙ୍ଗ ଛାଡ଼ି ଯାଇଥିବାବେଳେ ପ୍ରତିମୂର୍ତ୍ତି ଉପରେ ଥିବା ଛାତରୁ ପ୍ଲାଷ୍ଟର ବାହାରି ଯାଇଛି। ପ୍ରତିବର୍ଷ ଅକ୍ଟୋବର ୨ ତାରିଖରେ ସରକାରୀ ସ୍ତରରେ ଗାନ୍ଧୀ ଜୟନ୍ତୀ ପାଳନ କରାଯାଉଛି। ହେଲେ ଭାଙ୍ଗିଯାଇଥିବା ଏହି ପ୍ରତିମୂର୍ତ୍ତି ପ୍ରତି କାହାରି ନଜର ପଡୁନାହିଁ। ଏହି ଐତିହାସିକ ସ୍ଥାନର ମହତ୍ତ୍ୱକୁ ଗୁରୁତ୍ୱ ଦେଇ ପ୍ରତିମୂର୍ତ୍ତିରେ ରକ୍ଷଣାବେକ୍ଷଣ ସହ ପୂଜ୍ୟପୂଜା ପରମ୍ପରାର ସୁରକ୍ଷା ଲାଗି ଦାବି ହୋଇଆସୁଛି। କିନ୍ତୁ ଏ ଦିଗରେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ। କେବଳ ସେତିକି ନୁହେଁ ଭଦ୍ରକର ଗାନ୍ଧୀ ମନ୍ଦିର ଓ ଗାନ୍ଧୀ ଓଡ଼ିଶା ବାଳାଶ୍ରମ ଭଳି ଅନ୍ୟ ସ୍ଥାନରେ ଥିବା ସ୍ମୃତିକୁ ମଧ୍ୟ ଆବଶ୍ୟକ ପ୍ରାଧାନ୍ୟ ମିଳୁ ନାହିଁ। ଗାନ୍ଧୀ ବିଚାର ମଞ୍ଚ ତରଫରୁ ଗାନ୍ଧୀ ପଡ଼ିଆରେ ଥିବା ପ୍ରତିମୂର୍ତ୍ତି ଓ ଏହାର ପାରିପାର୍ଶ୍ୱିକ ଉନ୍ନତୀକରଣ ସକାଶେ ଦାବି କରାଯାଉଥିଲେ ମଧ୍ୟ କୌଣସି ସୁଫଳ ମିଳୁନି ବୋଲି କୁହାଯାଇଛି। ସେହିପରି ଟାଉନ ଥାନା ସମ୍ମୁଖ ମହତାବ କୋଠାରେ ଗାନ୍ଧୀଜୀ ୧୯୨୩ ଡିସେମ୍ବର ୧୭ ଏବଂ ୧୯୩୪ ଜୁଲାଇ ୩ ତାରିଖରେ ଅବସ୍ଥାନ କରିଥିଲେ। ଏହି ସ୍ମୃତିକୁ ମନେ ରଖିବା ଲାଗି କୋଠା ସମ୍ମୁଖରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତିଆରି କରାଯାଇଛି। ହେଲେ ସବୁବେଳେ ଖରାବର୍ଷା ସହ୍ୟ କରି ଏହି ପ୍ରତିମୂର୍ତ୍ତି ସତେ ଯେମିତି ସଂଗ୍ରାମୀ ଜୀବନର ମୂକସାକ୍ଷୀ ପାଲଟିଛି। ବର୍ଷରେ ଥରେ ମଧ୍ୟ ପ୍ରତିମୂର୍ତ୍ତିରେ ରଙ୍ଗ ଦିଆଯାଉ ନାହିଁ। ସେହିପରି ଗାନ୍ଧୀଙ୍କ ସ୍ମୃତିକୁ ମନେ ପକାଇଲେ ଗାନ୍ଧୀ ଓଡ଼ିଶା ବାଳାଶ୍ରମ କଥା ଆଖି ସାମ୍ନାକୁ ଆସେ। ମହାତ୍ମା ଗାନ୍ଧୀ ଏଠାରେ ତିନିଦିନ ରହି ବ୍ୟବହୃତ ଖଦଡ଼ ବସ୍ତ୍ର, ଅରଟ, ଚକି, ଶୋଇଥିବା ଖଟ ଏଭଳି ସ୍ମୃତି ଛାଡ଼ି ଯାଇଥିଲେ। ଏସବୁ ସ୍ମୃତିକୁ ନେଇ ଗଢ଼ି ଉଠିଛି ଗାନ୍ଧୀ ସ୍ମୃତି ମନ୍ଦିର। ଏକ ଘରେ ଗାନ୍ଧୀଙ୍କ ବ୍ୟବହୃତ ସାମଗ୍ରୀ ଯଦିଓ ସାଇତା ହୋଇ ରହିଛି, ତେବେ ଏଥିରେ ଉଇ ଲାଗିଯିବାର ଭୟ ଦେଖାଦେଇଛି। ଏହି ଘରକୁ ସଂଗ୍ରହାଳୟ ଭାବେ ବ୍ୟବହାର କରି ଉଚିତ ସଂରକ୍ଷଣ କରା ନ ଗଲେ ଏଠାରୁ ଗାନ୍ଧୀଙ୍କ ଚିହ୍ନ ଖୁବ୍‌ଶୀଘ୍ର ଲିଭିଯିବାର ଭୟ ରହିଛି। ଗାନ୍ଧୀ ଜୟନ୍ତୀ ଆସିଲେ ଶୀତତାପ ନିୟନ୍ତ୍ରିତ କକ୍ଷରେ ଜୟନ୍ତୀ ପାଳନ କରି ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ ନିଜର ଦାୟିତ୍ୱ ସାରି ଦେଉଛନ୍ତି।


ଭଦ୍ରକ ଗାନ୍ଧୀ ପଡ଼ିଆରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରୁ ରଙ୍ଗ ଛାଡ଼ିଯାଇଛି ଓ ଛାତରୁ ରଡ଼ ଦିଶୁଛି।

- ଗାନ୍ଧୀ ସର୍କିଟ ଯୋଜନା ଏଠି ବାଟବଣା
- ଗାନ୍ଧୀ ଜୟନ୍ତୀ ଆସିଲେ ମନେପଡ଼େ ପୂଜ୍ୟପୂଜାର କଥା
- ରକ୍ଷଣାବେକ୍ଷଣ ଅଭାବରୁ ଉଜୁଡ଼ିଯାଉଛି ସ୍ମୃତିର ସ୍ମାରକୀ


## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ balasoreselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।




## ସେଲ୍‌ଫି କର୍ନର


@ କବୀର


@ ଜିତ୍


ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | Balasoreselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)


## 'ପ୍ଲାଷ୍ଟିକ୍‌ମୁକ୍ତ ଦ୍ୱାରା ସୁସ୍ଥ ସମାଜ ସମ୍ଭବ'


ବଡ଼କଣ୍ଟାପଡା ଉନ୍ନୀତ ମଧ ଇଂରାଜୀ ବିଦ୍ୟାଳୟର ଛାତ୍ରୀଛାତ୍ର ପ୍ଲାଷ୍ଟିକମୁକ୍ତ ସମାଜ ପାଇଁ ବାର୍ତ୍ତା ପ୍ରଦାନ କରୁଛନ୍ତି।

**ଭଣ୍ଡାରିପୋଖରୀ,୧।୧୦(ଡି.ଏନ.ଏ.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ସାନଶାସନ ପଞ୍ଚାୟତ ବଡ଼କଣ୍ଟାପଡ଼ା ଉନ୍ନୀତ ମଧ୍ୟଇଂରାଜୀ ବିଦ୍ୟାଳୟରେ ସୋମବାର 'ପ୍ଲାଷ୍ଟିକ୍‌ମୁକ୍ତ ସମାଜ ସୁସ୍ଥ ସମାଜ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷକ ବସନ୍ତ କୁମାର ଦାସ ଏଥିରେ ସଭାପତିତ୍ୱ କରିଥିଲେ। ଗବେଷଣା ଛାତ୍ର ବିନାୟକ ଘୋଷ ପ୍ଲାଷ୍ଟିକ ଦ୍ୱାରା ପରିବେଶ କିପରି ପ୍ରଦୂଷିତ ହେଉଛି ସେ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ତଥ୍ୟ ପ୍ରଦାନ କରିଥିଲେ। ପ୍ଲାଷ୍ଟିକ୍‌ମୁକ୍ତ ଦ୍ୱାରା ସୁସ୍ଥ ସମାଜ ସମ୍ଭବ। ସମସ୍ତେ ମିଳିମିଶି ପ୍ଲାଷ୍ଟିକ୍ ବର୍ଜନ କରିବାକୁ ସେ ପରାମର୍ଶ ଦେଇଥିଲେ। ସହକାରୀ ଶିକ୍ଷକ ଚନ୍ଦନ କୁମାର ଦାସ, ଶିକ୍ଷୟିତ୍ରୀ ଭାନୁମତୀ ସେଠୀ, ରୀନାରାଣୀ ମାଝୀ ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ପ୍ଲାଷ୍ଟିକ୍‌ମୁକ୍ତ ଓଡ଼ିଶା ଗଠନର ମନ୍ତ୍ର ଦେଇଥିଲେ।

## ବରିଷ୍ଠ ନାଗରିକ ଦିବସ ପାଳିତ

**ବାସୁଦେବପୁର,୧।୧୦(ଡି.ଏନ.ଏ.)**

ବାସୁଦେବପୁର ବ୍ଲକ ଏବଂ ପୌରପାଳିକା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଟାଉନହଲ୍ ପରିସରରେ ବରିଷ୍ଠ ନାଗରିକ ଦିବସ ସୋମବାର ପାଳିତ ହୋଇଯାଇଛି। ବିଡିଓ ବୀରକିଶୋର ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ତ୍ରୈଲୋଚନ ଜେନା, ବିମଳ କୁମାର ରାୟ ଅତିଥି ଭାବେ ଯୋଗଦେଇ ବରିଷ୍ଠ ନାଗରିକଙ୍କ ପାଇଁ ସରକାରଙ୍କ ପକ୍ଷରୁ ପ୍ରଦତ୍ତ ସୁବିଧା ସୁଯୋଗ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ପ୍ରଫୁଲ୍ଲ ବିଶ୍ୱାଳ, ଯଦୁନାଥ ନାୟକ, ପ୍ରଫୁଲ୍ଲ ପଳିତାଙ୍କ ସମେତ ପୌରପାଳିକା ଓ ବ୍ଲକ ଅଞ୍ଚଳରୁ ଆସିଥିବା ବରିଷ୍ଠ ନାଗରିକମାନେ ନିଜ ନିଜର ମତ ଉପସ୍ଥାପନ କରିଥିଲେ। ବରିଷ୍ଠ ନାଗରିକଙ୍କୁ ସବୁସ୍ତରରେ ସମ୍ମାନ ଦିଆଯିବା ଆବଶ୍ୟକ ବୋଲି ବିଡିଓ ମତ ରଖିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ନାୟକ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ପୌରପାଳିକା ସାମାଜିକ ସୁରକ୍ଷା ବିଭାଗ ଦାୟିତ୍ୱରେ ଥିବା କର୍ମଚାରୀ ଉମେଶ ଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## 'ବରିଷ୍ଠ ନାଗରିକ ସମାଜର ମାର୍ଗଦର୍ଶକ'

**ଭଦ୍ରକ ଅଫିସ, ୧।୧୦**

ଭଦ୍ରକ ଜିଲା ପ୍ରଶାସନ ଓ ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଦୁଇଦିନ ଧରି ପାଳନ ହୋଇଆସୁଥିବା ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଜିଲା ସ୍କୁଲ ପରିସରରେ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା କରାଯାଇଥିଲା। ୧ମ, ୨ୟ ଓ ୩ୟ ସ୍ଥାନ ଅଧିକାର କରିଥିବା ନାଗରିକଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସୋମବାର ସଂସ୍କୃତି ଭବନ ପରିସରରେ ଆୟୋଜିତ ଉତ୍ସବକୁ ଜିଲାପାଳ ଜ୍ଞାନରଞ୍ଜନ ଦାସ ଉଦ୍‌ଘାଟନ କରିଥିଲେ। ବରିଷ୍ଠ ନାଗରିକଙ୍କ ଦିଗ୍‌ଦର୍ଶନରେ ଦେଶ, ସମାଜ ଓ ବ୍ୟକ୍ତିର ବିକାଶ ଘଟିଥାଏ ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଭାବେ ପଣ୍ଡିତ ବିରେନ୍ଦ୍ର କୁମାର ପଣ୍ଡା ଏବଂ ବରେଣ୍ୟ ଅତିଥି ଭାବେ ବିଧାୟକ ଯୁଗଳକିଶୋର ପଟ୍ଟନାୟକ, ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର, ଡେପୁଟି କଲେକ୍ଟର ପଦ୍ମନ କୁମାର ରାୟ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ହରେନ୍ଦ୍ର କୁମାର ଦେହୁରୀ, ସହକାରୀ ଜିଲାପାଳ ସୌମ୍ୟଶ୍ରୀ ପ୍ରାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ। ଲଲାଟେନ୍ଦୁ ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଆଇନଜୀବୀ ରାଧାରାଣୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବରିଷ୍ଠ ନାଗରିକ ଡା. ସୁରେନ୍ଦ୍ର ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ବରିଷ୍ଠ ନାଗରିକଙ୍କ ପକ୍ଷରୁ କଳାକାର ମିଶ୍ର ଜିଲାପାଳ ଦାସଙ୍କର ଆଙ୍କିଥିବା ପ୍ରତିଛବିକୁ ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ଅବସରପ୍ରାପ୍ତ ଡିଏସ୍‌ପି ରଙ୍ଗବଲ୍ଲଭ ଜେନା, ପ୍ରଫେସର ଅଟଳ ବିହାରୀ ନାୟକ, ଡା. ହରେକୃଷ୍ଣ ନାୟକ, ଖୁଦିରାମ ସାହୁ, ଡା. ଦେବରାଜ ପାଣିଗ୍ରାହୀ, ପର୍ଶୁରାମ ଦ୍ୱିବେଦୀ, କ୍ଷୀରୋଦ ସାମଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ନିର୍ବାଚନ ପାଇଁ ଛାତ୍ର କଂଗ୍ରେସର ପ୍ରାର୍ଥୀ ଘୋଷଣା

**ତିହିଡ଼ି,୧।୧୦(ଡି.ଏନ.ଏ.)**

ଆସନ୍ତା ୧୧ ତାରିଖରେ କଲେଜ ଛାତ୍ର ସଂସଦର ନିର୍ବାଚନ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ଭଦ୍ରକ ଜିଲା ତିହିଡି ବ୍ଲକ ଅଧୀନ ପାଳିଆବିନ୍ଧାସ୍ଥିତ ବିରଞ୍ଚି ନାରାୟଣ ମାଧବ ଅର୍ଜୁନ କଲେଜରେ ସୋମବାର ଛାତ୍ର କଂଗ୍ରେସ(ଏନଏସୟୁଆଇ) ପକ୍ଷରୁ ପ୍ରାର୍ଥୀ ଘୋଷଣା କରାଯାଇଛି। ସଭାପତି ପଦ ପାଇଁ ରାଜେଶ ପଣ୍ଡା, ଉପସଭାପତି ଶୁଭ୍ରାଂଶୁ ଶେଖର ସାମଲ, ସାଧାରଣ ସମ୍ପାଦକ ପ୍ରଦୀପ ସେଠୀ, ସହସମ୍ପାଦକ ଅନିଲ କୁମାର ଜେନା, ନାଟ୍ୟସଂସଦ ସମ୍ପାଦକ ହେନା ମିର୍ଜା, ସହ ନାଟ୍ୟ ସମ୍ପାଦକ ରାଜେଶ ମିଶ୍ର, କ୍ରୀଡ଼ା ସମ୍ପାଦକ ସୁଧାଂଶୁ ମଲ୍ଲିକ, ସହ କ୍ରୀଡ଼ା ସମ୍ପାଦକ ପଦ ପାଇଁ ଧର୍ମାନନ୍ଦ ବାରିକଙ୍କ ନାମ ଘୋଷଣା କରାଯାଇଛି। ଏହି ଉପଲକ୍ଷେ ପାଳିଆବିନ୍ଧାରେ ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ ସତ୍ୟାନନ୍ଦ ରାଉତଙ୍କ ପୌରୋହିତ୍ୟରେ ବୈଠକ ଅନୁଷ୍ଠିତ ହୋଇଥିଲା। ଛାତ୍ର କଂଗ୍ରେସର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ରୋଶନ ଲାଲ ବିଟ୍ଟୁ, ବ୍ଲକ କଂଗ୍ରେସ ସଭାପତି ସରୋଜ ଦାସ, ଛାତ୍ର କଂଗ୍ରେସର ଜିଲା କାର୍ଯ୍ୟକାରୀ ସଭାପତି ବଳରାମ ରାଉତ, ସାଧାରଣ ସମ୍ପାଦକ ସୌମ୍ୟରଞ୍ଜନ ବାରିକ, ରାଜ୍ୟ ସଂଯୋଜକ ସୌମ୍ୟରଞ୍ଜନ ମିଶ୍ର, ଅମ୍ଳାନ ଜ୍ୟୋତି ମହାନ୍ତି, ମାନସ ପାତ୍ର, ସଚ୍ଚିଦାନନ୍ଦ ଦାସ, ସସ୍ମିତ ଦାସ, ଦିଲୀପ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଶୃଙ୍ଖଳାର ସହିତ ଲଢ଼ିଲେ ନିର୍ବାଚନରେ ବିଜୟ ହାସଲ ହେବ ବୋଲି କହିଥିଲେ।



କଂଗ୍ରେସ ନେତାଙ୍କ ସହ ଛାତ୍ର କଂଗ୍ରେସ ପ୍ରାର୍ଥୀମାନେ।

## ବ୍ଲକ କର୍ମଚାରୀଙ୍କ କଲମଛାଡ଼ ଆନ୍ଦୋଳନ ଜାରି


ବ୍ଲକ କର୍ମଚାରୀଙ୍କ କଲମଛାଡ଼ ଆନ୍ଦୋଳନ(ବାମ), କଂଗ୍ରେସର ପ୍ରତିବାଦ ସଭା।

**ଭଣ୍ଡାରିପୋଖରୀ,୧।୧୦(ଡି.ଏନ.ଏ.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକରେ ଆରୋପ ଓ ପ୍ରତ୍ୟାରୋପକୁ ନେଇ ଅଚଳାବସ୍ଥା ଦେଖାଦେଇଛି। ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଅଜୟ କୁମାର ସ୍ୱାଇଁଙ୍କୁ ଆକ୍ରମଣ ପ୍ରତିବାଦରେ ବ୍ଲକ କର୍ମଚାରୀମାନେ କଲମଛାଡ଼ ଆନ୍ଦୋଳନ ଜାରି ରଖିଛନ୍ତି। ଏହି ଘଟଣାରେ ସରପଞ୍ଚଙ୍କୁ ଗିରଫ ଦାବି କରି ବ୍ଲକର ସମସ୍ତ କର୍ମଚାରୀ ଗତ ୨୯ ତାରିଖଠାରୁ କାର୍ଯ୍ୟବନ୍ଦ କରି କାର୍ଯ୍ୟାଳୟ ଫାଟକ ସମ୍ମୁଖରେ ଆନ୍ଦୋଳନ କରୁଛନ୍ତି। ଅନ୍ୟପକ୍ଷେ ଯନ୍ତ୍ରୀ ସ୍ୱାଇଁ ସ୍ଥାନୀୟ ଦକ୍ଷିଣବାଡ଼ ସରପଞ୍ଚ ବିଜୟ ଶଙ୍କର ମହାନ୍ତିଙ୍କ ନାମରେ କରିଥିବା ଅଭିଯୋଗ ମିଥ୍ୟା ହୋଇଥିବା ଦାବି କରି ବ୍ଲକ କଂଗ୍ରେସ ପକ୍ଷରୁ ସୋମବାର ବିକ୍ଷୋଭ ପ୍ରଦର୍ଶନ ସହ ପ୍ରତିବାଦ ସଭା କରାଯାଇଛି। ଯନ୍ତ୍ରୀ ସ୍ୱାଇଁଙ୍କ ଅଭିଯୋଗ କ୍ରମେ ଭଣ୍ଡାରିପୋଖରୀ ଥାନାରେ ଏକ ମାମଲା(ନଂ.୧୬୪/୧୮) ରୁଜୁ ହୋଇଥିବା ବେଳେ ଯନ୍ତ୍ରୀଙ୍କ ବିରୋଧରେ ହୋଇଥିବା ପାଲଟା ଅଭିଯୋଗ କ୍ରମେ ଆଉ ଏକ ମାମଲା (ନଂ.୧୬୫/୧୮) ରୁଜୁ କରାଯାଇଛି। ଦକ୍ଷିଣବାଡ ପଞ୍ଚାୟତ ଉତ୍ତରବାଡ ଗ୍ରାମର ସୁବାସ ଚନ୍ଦ୍ର ଜେନା ନିର୍ବାହୀ ଯନ୍ତ୍ରୀଙ୍କ ସରକାରୀ କ୍ୱାର୍ଟର୍ସକୁ ବିଲ ପାସ୍ କରିବାକୁ ଯାଇଥିବା ବେଳେ ଯନ୍ତ୍ରୀ ସ୍ୱାଇଁ ତାଙ୍କୁ ଜାତିଆଣ ଆକ୍ଷେପ କରି ଧକ୍କା ମାରିଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି।

ବ୍ଲକ କଂଗ୍ରେସ ଓ ଦଳିତ ସଂଘ ପକ୍ଷରୁ ସୋମବାର ଥାନା ଛକଠାରେ ପ୍ରତିବାଦ ସଭା କରାଯାଇଥିଲା। କଂଗ୍ରେସ କର୍ମୀମାନେ ସ୍ଥାନୀୟ ଦଳୀୟ କାର୍ଯ୍ୟାଳୟ ରାଜୀବ ଭବନଠାରୁ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା କରି ଥାନା ଛକଠାରେ ପ୍ରତିବାଦ ସଭା କରିଥିଲେ। ବ୍ଲକ କଂଗେସ ସଭାପତି ରଜନୀକାନ୍ତ ଚନ୍ଦ ଏଥିରେ ସଭାପତିତ୍ୱ କରିଥିଲେ। କଂଗ୍ରେସ ଜିଲା ସଭାପତି ଅଶୋକ ଦାସ, ଭଣ୍ଡାରିପୋଖରୀ ନିର୍ବାଚନ ମଣ୍ଡଳୀ ନେତା ସୁବ୍ରତ ଦାସ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପୀତାମ୍ବର ନାୟକ, ନରନାରାୟଣ ଜେନା, ଦେବରୂପ ମହାନ୍ତି, ଅକ୍ଷୟ ତ୍ରିପାଠୀ, ବିକାଶ ସାମଲ, ଜିଲା ମହିଳା ସଭାନେତ୍ରୀ ସବିତା ଚନ୍ଦ, ରମେଶ ଭାରତୀ, ବିଜୟ ସ୍ୱାଇଁ, ସବିତା ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ସଭାରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଅଜୟ ସ୍ୱାଇଁଙ୍କୁ ଗିରଫ ଦାବି କରାଯାଇଥିଲା। ସରକାରୀ କର୍ମଚାରୀମାନେ ବିଜେଡିର ହାତବାରିସୀ ଭାବେ କାର୍ଯ୍ୟ କରୁଥିବା କଂଗ୍ରେସ ପକ୍ଷରୁ ଅଭିଯୋଗ କରି ସମାଲୋଚନା କରାଯାଇଥିଲା। ସରପଞ୍ଚଙ୍କ ବିରୋଧରେ ଯନ୍ତ୍ରୀ କରିଥିବା ମାମଲା ତୁରନ୍ତ ପ୍ରତ୍ୟାହାର କରାଯାଉ ବୋଲି ଦାବି ହୋଇଥିଲା। ସଭା ପରେ ଦଳୀୟ କର୍ମୀମାନେ ଏକ ଶୋଭାଯାତ୍ରାରେ ଯାଇ ଭଣ୍ଡାରିପୋଖରୀ ଥାନାଧିକାରୀ ଅମିତ କୁମାର ବିଶ୍ୱାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏନେଇ ପୋଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଦାବି ଜଣାଇଥିଲେ।

**ସହକାରୀ ଯନ୍ତ୍ରୀଙ୍କୁ ଆକ୍ରମଣ ଘଟଣା**
- ଯନ୍ତ୍ରୀଙ୍କ ବିରୋଧରେ କଂଗ୍ରେସର ବିକ୍ଷୋଭ

## ଜିଲା ଫଟୋଗ୍ରାଫି ସଂଘର ବାର୍ଷିକ ଅଧିବେଶନ

**ଭଦ୍ରକ ଅଫିସ,୧।୧୦**

ଭଦ୍ରକ ଜିଲା ଫଟୋଗ୍ରାଫି ସଂଘ ପକ୍ଷରୁ ଶହେରୁ ଊର୍ଦ୍ଧ୍ୱ ଫଟୋଗ୍ରାଫରଙ୍କୁ ନେଇ ସୋମବାର ଯଶୋଦା ହୋଟେଲ ପରିସରରେ ବାର୍ଷିକ ଅଧିବେଶନ ଓ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ନୂତନ କାର୍ଯ୍ୟକର୍ତ୍ତା ନିର୍ବାଚନ କରାଯାଇଥିଲା। ସଭାପତି ଭାବେ ଶିବାଜୀ ଚରଣ ଦାସ, ଉପସଭାପତି ଜିତେନ୍ଦ୍ର କୁମାର ସାହୁ, ସମ୍ପାଦକ ରାଜକିଶୋର ଶତପଥୀ, ସହସମ୍ପାଦକ ଅବିନାଶ ପାତ୍ର ଏବଂ କୋଷାଧ୍ୟକ୍ଷ ଭାବେ ବିବେକାନନ୍ଦ ନାୟକ ସର୍ବସମ୍ମତିକ୍ରମେ ମନୋନୀତ ହୋଇଥିଲେ। ଚନ୍ଦ୍ରକାନ୍ତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ସଭାକାର୍ଯ୍ୟ ପରିଚାଳିତ ହୋଇଥିଲା। ବରିଷ୍ଠ ଫଟୋଗ୍ରାଫର ନୀଳାଦ୍ରି ପାତ୍ର ସମସ୍ତଙ୍କୁ ଅଭିନନ୍ଦନ ଜଣାଇଥିଲେ। ସଭାରେ ନୂତନ ସଭ୍ୟ ସଂଗ୍ରହ, ଫଟୋଗ୍ରାଫର ବ୍ୟବସାୟ ସମ୍ପର୍କିତ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଏଥିସହ ଫଟୋଗ୍ରାଫରଙ୍କୁ ବାର୍ଦ୍ଧକ୍ୟ ଭତ୍ତା ଏବଂ କଳାକାର ସମ୍ମାନ ଦେବା ପାଇଁ ସରକାରଙ୍କୁ ଅନୁରୋଧ କରାଯିବାକୁ ପ୍ରସ୍ତାବ ଲାଗି ନିଷ୍ପତ୍ତି ନିଆଯାଇଥିଲା। ପୂର୍ବତନ ସଭାପତି ଅଜୟ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ଏକ କର୍ମଶାଳା ହୋଇଥିଲା। ବିଭିନ୍ନ ପ୍ରକାର ଅତ୍ୟାଧୁନିକ କ୍ୟାମେରାରେ ୱେଡିଂ ଫଟୋଗ୍ରାଫି ସଂକ୍ରାନ୍ତ ସ୍ଥିରଚିତ୍ର ଓ ଭିଡିଓ ସୁଟିଂ ସମ୍ପର୍କରେ ଶିକ୍ଷା ପ୍ରଦାନ କରାଯାଇଥିଲା।

## ସଂକ୍ଷେପରେ

### ଘର ଉପରକୁ ପଥର ମାଡ଼

**ବଡବିଲ, ୧।୧୦(ସ୍ୱ.ପ୍ର.):** ବଡବିଲ ଥାନା ସାଧୁସିଂହ ହଟିଂରେ କେତେକ ଲୋକଙ୍କ ଘର ଉପରକୁ ରାତିରେ ପଥର ମାଡ଼ ହେଉଛି। ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ଘରୁ ବାହାରକୁ ବାହାରିବାକୁ ନିରାପଦ ମଣୁନାହାନ୍ତି। ଏ ନେଇ ସ୍ଥାନୀୟ ଲୋକେ ପୋଲିସର ସହାୟତା ନେଇଛନ୍ତି। ସୋମବାର ସାଧୁସିଂ ହଟିଂରେ ରହୁଥିବା ସୁବାସ ମଣ୍ଡଳ, ସାଲାନ ମୁଣ୍ଡା, ଲକ୍ଷ୍ମୀ ଦାସ, ଆରତୀ ଦାସ, ମନିତା ତିରିଆ, ସରସ୍ୱତୀ ଖଣ୍ଡାୟତ, ଜିଙ୍ଗ ଡୁଙ୍ଗଡୁଙ୍ଗ, ଗୀତା ମଣ୍ଡଳ, ମାନିକ ଦାସ, ଲଳିତା ତନ୍ତୀ ଓ ଲିଲିମତି ତିରିଆ ପ୍ରମୁଖ ଅଭିଯୋଗ ନେଇ ବଡବିଲ ପୋଲିସର ସହାୟତା ଲୋଡିଛନ୍ତି।। ଅଭିଯୋଗ ଅନୁଯାୟୀ, ସେହି ହଟିଂରେ ରହୁଥିବା ଜଣେ ଦୁର୍ବୃତ୍ତ ଗତ କିଛି ସପ୍ତାହ ହେଲା ରାତିରେ ସମସ୍ତଙ୍କ ଘର ଉପରକୁ ପଥର ମାଡ କରୁଛନ୍ତି। ଘରୁ ବାହାରିବାକୁ ଲୋକେ ନିରାପଦ ମଣୁ ନାହାନ୍ତି। ଏ ନେଇ ବଡବିଲ ଥାନା ଅଧିକାରୀ ଜଗନ୍ନାଥ ମଲ୍ଲିକଙ୍କୁ ପଚାରିବାରେ ସମ୍ପୃକ୍ତ ଦୁର୍ବୃତ୍ତଙ୍କ ବିରୋଧରେ ଦୀର୍ଘ ଦିନରୁ ଅଭିଯୋଗ ହୋଇଆସୁଛି। ଏବେ ଅଭିଯୁକ୍ତ ପୋଲିସ ହେପାଜତରେ ରହିଥିବା ସେ କହିଛନ୍ତି।

### କମ୍ପ୍ୟୁଟର ଜବତ, ୨ ଗିରଫ

**ବଡବିଲ, ୧।୧୦(ସ୍ୱ.ପ୍ର.):** କେନ୍ଦୁଝର ଜିଲା ରୁଗୁଡି ଥାନା ପୋଲିସ ଚୋରି ସାମଗ୍ରୀ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି। ୨ ଜଣଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି। ଗିରଫ ଦ୍ୱୟ ହେଲେ ଲୋଇଡାପଦା ଗ୍ରାମର ଅର୍ଜୁନ ସିଂହ ଓ ମାଗିରାମ ସାହୁ। ଲୋଇଡାପଦାସ୍ଥିତ ଶ୍ରୀମେଟାଲିକ୍ସ କମ୍ପାନୀର ପଲ୍ୟୁଶନ କଂଟ୍ରୋଲ ରୁମରୁ ଗତ ସେପ୍ଟେମ୍ବର ୨୯ ରାତିରେ କମ୍ପ୍ୟୁଟର ଓ ଅନ୍ୟ ସାମଗ୍ରୀ ଚୋରି ହୋଇଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା।

### ସହରକୁ ସ୍ୱଚ୍ଛ ରଖିବାକୁ ଆହ୍ୱାନ

**ଚମ୍ପୁଆ,୧।୧୦(ଡି.ଏନ.ଏ.):** ଚମ୍ପୁଆ ବିଜ୍ଞାପିତ ଅଞ୍ଚଳ ପରିଷଦ ସୌଜନ୍ୟରେ 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଆହ୍ୱାନ କ୍ରମେ ଚତୁର୍ଥ ବର୍ଷରେ ପଦାର୍ପଣ କରିଥିବା ସ୍ୱଚ୍ଛ ଭାରତ ଅଭିଯାନ ଅନୁକୂଲ୍ୟାରେ ଉକ୍ତ କାର୍ଯ୍ୟକ୍ରମ ଏନ୍‌ଏସ୍‌ର ବିଭିନ୍ନ ୱାର୍ଡରେ ହୋଇଛି। ନିଜ ସହରକୁ ସ୍ୱଚ୍ଛତା ରଖିବା ପାଇଁ ସଫେଇ କାର୍ଯ୍ୟକ୍ରମ ହୋଇଥିଲା। ଚମ୍ପୁଆ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ନେଇ ସେବା କାର୍ଯ୍ୟ କରାଯାଇଥିଲା। ରାଜ୍ୟ ସହରାଞ୍ଚଳ ଜୀବିକା ମିଶନ ତରଫରୁ ଉକ୍ତ କାର୍ଯ୍ୟକ୍ରମରେ ରାସ୍ତାଘାଟ ପରିଷ୍କାର ପରିଚ୍ଛନତା ରଖିବା ସହିତ ନିଜ ୱାର୍ଡ ଗୁଡିକରେ ସଫେଇ କାର୍ଯ୍ୟ କରାଯିବା ସହିତ ସ୍ଥାନୀୟ ବାସିନ୍ଦାଙ୍କୁ ସଚେତନ କରାଯାଇଥିଲା। ଏନ୍‌ଏସ୍ ନିର୍ବାହୀ ଅଧିକାରୀ ସପନ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମକୁ ଗୋଷ୍ଠୀ ସଂଯୋଜିକା ରଶ୍ମିତା ମହାରଣା ପରିଚାଳନା କରିଥିଲେ।

### ଅଙ୍ଗନୱାଡି ଘର ଭଙ୍ଗାକୁ ନେଇ ବିବାଦ

**କେନ୍ଦୁଝର, ୧।୧୦(ସ୍ୱ.ପ୍ର.)-** ବାଂଶପାଳ ବ୍ଲକ ଗୋପପୁର ଗ୍ରାମରେ ଦୀର୍ଘ ୪୦ ବର୍ଷ ଧରି ଚାଲିଥିବା ଅଙ୍ଗନୱାଡି ଘରକୁ କେତେକ ଲୋକ ଗତ ଜୁନ ୮ରେ ଭାଙ୍ଗି ଦେଇ ଜମି ଦଖଲ କରିଥିଲେ। ଏ ନେଇ ଚାପା ଉତ୍ତେଜନା ଲାଗି ରହିଛି। ସ୍ଥାନୀୟ ପୋଲିସ ଓ ତହସିଲ ପକ୍ଷରୁ ସମାଧାନ ନ ହେବାରୁ ଲୋକେ ସୋମବାର ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଲିଖିତ ଭାବରେ ଜଣାଇଛନ୍ତି।

ଏ ନେଇ ଜୁନ ୧୧ରେ ସ୍ଥାନୀୟ ନୟାକୋଟ ଥାନାରେ ଗ୍ରାମବାସୀ ଲିଖିତ ଅଭିଯୋଗ କରିଥିଲେ। ୭ ଦିନ ମଧ୍ୟରେ ଜମି ଚିହ୍ନଟ କରାଯିବ ବୋଲି କହିଥିଲେ ହେଁ ଅଦ୍ୟାବଧି କରାଯାଇ ନ ଥିବା କହିଛନ୍ତି। ୨୪ ଅଗଷ୍ଟରେ ସ୍ଥାନୀୟ ତହସିଲଦାରଙ୍କୁ ଗ୍ରାମବାସୀ ଲିଖିତ ଜଣାଇଥିଲେ। ସ୍ଥାନୀୟ ଆରଜମି ଚିହ୍ନଟ କରିବାକୁ ଆସିଥିଲେ ହେଁ ଦଖଲକାରିମାନେ ଚିହ୍ନ କରିବାକୁ ଦେଇ ନ ଥିଲେ। ଫଳରେ ଜମି ଚିହ୍ନଟ ହୋଇ ପାରି ନ ଥିଲା। ପୋଲିସ ଓ ମାଜି ଷ୍ଟ୍ରେଟ ଉପସ୍ଥିତିରେ ଏହାର ଚିହ୍ନଟ କରାଇବା ପାଇଁ ବ୍ୟବସ୍ଥା କରିବାକୁ ସେମାନେ ନିବେଦନ କରିଛନ୍ତି।

# 'ଆମକୁ ଖାଇବାକୁ ମିଳୁନି'

**କେନ୍ଦୁଝର, ୧।୧୦(ସ୍ୱ.ପ୍ର.)**


ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଆସିଥିବା ବୃଦ୍ଧ ଦମ୍ପତି।

**ବରିଷ୍ଠ ନାଗରିକଙ୍କୁ ନିର୍ଯାତନା**
- ଘରେ ରହିବାକୁ ମିଳୁନି ଜାଗା
- ଗ୍ରାମସଭାରେ ହୋଇପାରିଲାନି ସମାଧାନ
- ସୁରକ୍ଷା ଲୋଡ଼ିଲେ ବୃଦ୍ଧ ଦମ୍ପତି

ସରକାର ବରିଷ୍ଠ ନାଗରିକମାନଙ୍କ ସୁରକ୍ଷା ପାଇଁ ବହୁ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏନେଇ ବହୁ ସମୟରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏହାସତ୍ତ୍ୱେ ବରିଷ୍ଠ ନାଗରିକମାନଙ୍କ ପ୍ରତି ଅନ୍ୟାୟ ଓ ଅତ୍ୟାଚାର ବଢୁଛି। ନିଜ ଘର ପରିବାର ଲୋକଙ୍କ ଦ୍ୱାରା ସେମାନେ ନିର୍ଯାତିତ ହେଉଛନ୍ତି। ଏଭଳି ପୁଅ, ବୋହୂ ଓ ନାତୀ ଦ୍ୱାରା ନିର୍ଯାତିତ ହୋଇ ଅସହାୟ ଜୀବନ ବିତାଉଛନ୍ତି ସ୍ଥାନୀୟ ଗମ୍ଭାରିଆ ଗ୍ରାମର ନିତ୍ୟାନନ୍ଦ ପାତ୍ର ଓ ତାଙ୍କ ସ୍ତ୍ରୀ। ସେମାନେ ସବୁଠି ନିରାଶ ହୋଇ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠକୁ ସୋମବାର ଆସି ଅଭିଯୋଗ କରିଛନ୍ତି। ଏପରି ଘଟଣା ବରିଷ୍ଠ ନାଗରିକମାନଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ନେଇ ସାହିରେ ସଭା କରାଯାଇଥିଲେ ହେଁ ସମାଧାନ ନ ହେବାରୁ ବାଧ୍ୟ ହୋଇ ସୁରକ୍ଷା ଓ ଥଇଥାନ ପାଇଁ କରୁଣ ନିବେଦନ କରିଛନ୍ତି।

ଆମକୁ ଖାଇବାକୁ ମିଳୁନି। ଖାଇବାକୁ ମାଗିଲେ ମାଡ଼ଗାଳି ଦେଉଛନ୍ତି। ଅଭଦ୍ର ଭାଷାରେ ଗାଳିଗୁଲଜ କରୁଛନ୍ତି। ଘରୁ ତଡିଦେବାରୁ ପର ଘରେ ରହୁଛୁ ବୋଲି ନିତ୍ୟାନନ୍ଦ ଜିଲାପାଳଙ୍କ ଆଗରେ ପ୍ରକାଶ କରିଛନ୍ତି। ଏଭଳି ଅଭିଯୋଗ ପାଇବା ପରେ ଜିଲାପାଳ ଆଶିଷ ଠାକରେ ଘଟଣାର କାର୍ଯ୍ୟାନୁଷ୍ଠାନ ପାଇଁ ଉପଜିଲାପାଳ କେନ୍ଦୁଝରକୁ କହିଛନ୍ତି। ଏ ନେଇ ନିର୍ଯାତନା ଦେଉଥିବା ପୁଅ ଓ ବୋହୂଙ୍କୁ ଗିରଫ କରାଯାଇ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଠାକରେ କହିଛନ୍ତି। ନିତ୍ୟାନନ୍ଦଙ୍କ ୨ ପୁଅ ଓ ଗୋଟିଏ ଝିଅ ଅଛନ୍ତି। ବହୁ କଷ୍ଟରେ କାମଧନ୍ଦା କରି ସେମାନଙ୍କୁ ପାଠ ପଢାଇ ମଣିଷ କରିଛନ୍ତି। ବଡ ହେଲା ପରେ ଝିଅକୁ ବିବାହ କରିଦେଇଥିବା ବେଳେ ୨ ପୁଅଙ୍କୁ ବାହା କରାଇ ସେମାନଙ୍କୁ ଜମି ଭାଗ କରିଦେଇଛନ୍ତି। ସେମାନଙ୍କୁ ପ୍ରତିପୋଷଣ କରିବା ପରିବର୍ତ୍ତେ ଦୀର୍ଘ ବର୍ଷ ହେଲା ବିଭିନ୍ନ ପ୍ରକାରର ହଇରାଣ ହରକତ ହେଉଛନ୍ତି। ସାହିବାସୀ ସଭା କରି ସମାଧାନ କରିବାକୁ ଚେଷ୍ଟା କରିଥିଲେ। ପିଲାମାନେ ସେମାନଙ୍କ ଦାୟିତ୍ୱ ଦେବାକୁ ମନା କରିଦେଲେ। ଘରୁ ବାହାର କରିଦେଇଥିବା ନିତ୍ୟାନନ୍ଦ ଅଭିଯୋଗ କରିଛନ୍ତି। ପର ଘରେ ରହିବା ସହ ବାରଦାଣ୍ଡ ଶୁଣ୍ଢିପିଣ୍ଡା ହେଉଥିବାରୁ ସାହି ବାସୀ ଅସନ୍ତୋଷ ବ୍ୟକ୍ତ କରି ପଦକ୍ଷେପ ନେବାକୁ ଦାବି କରିଛନ୍ତି। ସେମାନେ ସରକାରଙ୍କ ପେନଶନ ଯୋଜନାରେ ୩ ଶହ ଟଙ୍କା ଭତ୍ତା ଓ ରାଶନ କାର୍ଡରେ ଚାଉଳ କିଣି ଦୁଃଖ କଷ୍ଟରେ ଚଳିଆସୁଥିଲେ। ଏ ନେଇ ସେମାନେ ଟାଉନ ଥାନାରେ ମଧ୍ୟ ସୋମବାର ଲିଖିତ ଅଭିଯୋଗ କରି ସୁରକ୍ଷା ଦାବି କରିଛନ୍ତି।

# ହତ୍ୟାକାରୀଙ୍କୁ ଧରିପାରୁନି ପୋଲିସ

**କେନ୍ଦୁଝର, ୧।୧୦(ସ୍ୱ.ପ୍ର.)**

ଘଟଗାଁ ଥାନା ଟିଁକିରା ଗ୍ରାମ ନିକଟ ଶାଳ ଜଙ୍ଗଲରୁ ଜଣେ ନାବାଳିକାଙ୍କ ମୃତଦେହ ଉଦ୍ଧାର କରିଥିଲା ପୋଲିସ। ମାତ୍ର ବ୍ୟବଚ୍ଛେଦ ରିପୋର୍ଟ ପରିବାର ଲୋକଙ୍କୁ ଦିଆଯାଉ ନାହିଁ। ଘଟଣାକୁ ଭିନ୍ନରୂପ ଦିଆଯାଉଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏହା ଏକ ସୁଚନ୍ତିତ ହତ୍ୟାକାଣ୍ଡ। ହତ୍ୟାକାରୀଙ୍କୁ ଧରିବାକୁ ପୋଲିସ କୌଣସ ପକ୍ଷେପ ନେଉ ନ ଥିବା ଅଭିଯୋଗ ହେଉଛି। ଏ ନେଇ ପଦକ୍ଷେପ ନେବାକୁ ଘଟଗାଁ ଥାନା ପୋଲିସ ବିଳମ୍ବ କରୁଥିବା ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ସୋମବାର ତାଙ୍କ ମୃତ ନାବାଳିକାଙ୍କ ମା' ଅଭିଯୋଗ କରିଛନ୍ତି।

ପରିବାର ଲୋକଙ୍କ କହିବା ଅନୁଯାୟୀ, ନାବାଳିକା ଜଣଙ୍କ ଗତ ୩ ସେପ୍ଟେମ୍ବର ୨୦୧୮ ସକାଳେରେ ଢେଙ୍କିକୋଟ ପାଖ ଟିଁକିରା ଗ୍ରାମକୁ ଯାଇ ନିଖୋଜ ହୋଇଯାଇଥିଲେ। ପରିବାର ଲୋକ ବହୁତ ଖୋଜାଖୋଜି କରିଥିଲେ। ତିନି ଦିନ ପରେ ଅର୍ଥାତ ୬ ସେପ୍ଟେମ୍ବର ଦିନ ମୃତଦେହ ଝୁଲନ୍ତା ଅବସ୍ଥାରେ ଗ୍ରାମ ଶାଳ ପାଖରୁ ଉଦ୍ଧାର କରାଯାଇଥିଲା। ପୋଲିସ ବିଳମ୍ବରେ ଶବ ଜବତ କରିଥିଲା। ପରେ ଶବ ବ୍ୟବଚ୍ଛେଦ ପାଇଁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ଘଟଗାଁ ସମ୍ପର୍କରେ ଥାନାରେ ଅଭିଯୋଗ ହୋଇଥିଲା। ଉକ୍ତ ଘଟଣାକୁ ପୋଲିସ ହାଲୁକା ଭାବେ ନେଉଥିବା ଅଭିଯୋଗ ହେଉଛି।

# ବେଆଇନ ଗୋରୁ ଚାଲାଣ

**କେନ୍ଦୁଝର ୧।୧୦(ସ୍ୱ.ପ୍ର.)**

ରବିବାର ବିଳମ୍ବିତ ରାତିରେ ଚାଲାଣ ହେଉଥିବା କେତେକ ଗୋରୁଙ୍କୁ ବଜରଙ୍ଗ ଦଳ ଓ ଯୁବ ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ଟାଉନଥାନା ନିହାଲସିଂ ଛକ ୪୯ ନମ୍ବର ଜାତୀୟ ରାଜପଥରେ ଅଟକ ରଖାଯାଇଥିଲା। ଏ ନେଇ ସଙ୍ଗଠନ ପକ୍ଷରୁ ଟାଉନ ଥାନାକୁ ସୂଚନା ଦେବା ପରେ ପୋଲିସ ପହଞ୍ଚି ଥିଲା। ଜିଲାରୁ ଏଭଳି ବହୁ ସଂଖ୍ୟାରେ ଗାଡିରେ ଗୋରୁ ଚାଲାଣ ହେଉଛି। ତାହା ସାଧାରଣରେ ଉଦବେଗ ପ୍ରକାଶ ପାଉଛି। ପଶୁ ନିର୍ଯାତନା ଆଇନକୁ ଫାଙ୍କି ପୋଲିସକୁ ହାତ କରି ଏଭଳି ବହୁ ବେଆଇନ ଭାବେ ଗୋରୁ ଚାଲାଣ ହେଉଥିବାରୁ ଯାତାୟାତରେ ଅସୁବିଧା ହେଉଛି। ଏ ନେଇ ଦୃଢ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ସମାଲୋଚିତ ହେଲେ ସୌମ୍ୟ

## ସେ ବେପାରୀ, ବିଜେଡିରେ ଥାଇ କଂଗ୍ରେସ ପାଇଁ କାମ କରୁଛନ୍ତି: ବଦ୍ରି

**ଆନନ୍ଦପୁର, ୧।୧୦(ସ୍ୱ.ପ୍ର.)**

ରାଜ୍ୟ ରାଜନୀତିରେ ଶାସକ ଦଳର କେତେ ଜଣ ତୁଙ୍ଗ ମନ୍ତ୍ରୀଙ୍କୁ ନେଇ ଚର୍ଚ୍ଚା ସବୁବେଳେ ଲାଗି ରହୁଛି। ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡା ଏବଂ ଡାକ୍ତର ଦାମୋଦର ରାଉତଙ୍କ ଦଳରୁ ବହିଷ୍କାର କରାଯିବା ପରେ ରାଜ୍ୟ ରାଜନୀତିରେ ଚହଳ ସୃଷ୍ଟି ହୋଇଥିଲା। ଏବେ କୃଷି ମନ୍ତ୍ରୀ ପ୍ରଦୀପ ମହାରଥି, ବିଦ୍ୟାଳୟ ଗଣଶିକ୍ଷା, ବିଜ୍ଞାକ ଓ କାରିଗରି ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ରଙ୍କୁ ନେଇ ରାଜନୀତି ଗରମ ହେବାରେ ଲାଗିଛି। ମନ୍ତ୍ରୀ ବଦ୍ରି ନାରାୟଣ ଘସିପୁରା ନିର୍ବାଚନମଣ୍ଡଳୀର ସର୍ବାଧିକ ଭୋଟ ପାଇ ବିଧାୟକ ଭାବେ ନିର୍ବାଚିତ ହେବା ପରେ ରାଜ୍ୟ ସରକାରଙ୍କ କେବିନେଟ ପାହ୍ୟାର ଗୁରୁତ୍ୱପୂର୍ଣ୍ଣ ବିଭାଗରେ ମନ୍ତ୍ରୀ ଭାବେ ଆସନ ଅଳଙ୍କୃତ କରିଛନ୍ତି। ଫଳରେ କେତେ ଦିନ ତଳେ ବିଜେଡିରେ ସାମିଲ ହୋଇ ଏମ୍‌ପି ପଦବୀ ପାଇଥିବା ସୌମ୍ୟରଞ୍ଜନ ପଟ୍ଟନାୟକ ପରୋକ୍ଷରେ ମନ୍ତ୍ରୀ ବଦ୍ରି ନାରାୟଣଙ୍କୁ କଟାକ୍ଷ କରି ସମାଲୋଚିତ ହୋଇଛନ୍ତି। ମନ୍ତ୍ରୀ ବଦ୍ରି ନାରାୟଣ ମଧ୍ୟ କଟାକ୍ଷ କରି ସୌମ୍ୟରଞ୍ଜନଙ୍କୁ ଟାର୍ଗେଟ କରିଛନ୍ତି। ସେ ଜଣେ ବେପାରୀ, ସବୁଥିରେ ତାଙ୍କର ବେପାର ବୋଲି ସେ କହିଛନ୍ତି।

ଆନନ୍ଦପୁର ପ୍ରେସ୍ କ୍ଲବର ବାର୍ଷିକ ଉତ୍ସବ ଉଦଘାଟନୀ ସମାରୋହରେ ଯୋଗଦେବାକୁ ଆସି ମନ୍ତ୍ରୀ ପାତ୍ର ଗଣମାଧ୍ୟମ ପ୍ରତିନିଧିମାନଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଯାଇ କହିଛନ୍ତି ଯେ, ସୌମ୍ୟ ବାବୁ ରାଜଧର୍ମ ପାଳନ କରୁଛନ୍ତି। ନିଜର ବେପାରୀ ମନୋଭାବକୁ ପୂରଣ କରିବା ପାଇଁ ବିଜେଡି ଦଳରେ ସାମିଲ ହୋଇଛନ୍ତି। ବିଜେଡି ଦଳରେ ସାମିଲ ହୋଇ ଏମ୍‌ପି ପଦ ହାତେଇ ସୌମ୍ୟ ବାବୁ କଂଗ୍ରେସ ଦଳର ମୁଖିଆ ଥିବା ନିଜ ଭାଇଙ୍କୁ ପରୋକ୍ଷରେ ସାହାଯ୍ୟ କରିବାକୁ ଆଗେଇ ଆସିଛନ୍ତି। ସେ ବିଜେଡିରେ ଥାଇ କଂଗ୍ରେସ ପାଇଁ କାମ କରୁଛନ୍ତି। କଂଗ୍ରେସ କିପରି ଘସିପୁରା ନିର୍ବାଚନମଣ୍ଡଳୀ ଆସନ ତଥା କେନ୍ଦୁଝର ଜିଲାରେ ପ୍ରାଧାନ୍ୟ ବିସ୍ତାର କରିବ ସେ ସେହି କଥା ଚିନ୍ତା କରି ଏଭଳୀ ମନ୍ତବ୍ୟ ଦେଇଥିବା ମନ୍ତ୍ରୀ ପାତ୍ରଙ୍କ ପ୍ରକାଶ କରିଛନ୍ତି।

# ଆମ ପୋଲିସ ସମିତି ବୈଠକ

**ଚମ୍ପୁଆ,୧।୧୦(ଡି.ଏନ.ଏ.)**

ଚମ୍ପୁଆ ବ୍ଲକ ରଜିଆ ପଞ୍ଚାୟତ କାର୍ଯ୍ୟାଳୟଠାରେ 'ଆମ ପୁଲିସ ସମିତି ବୈଠକ' ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀଙ୍କୁ ସଚେତନ କରିବା, ସ୍ଥାନୀୟ ଅଞ୍ଚଳରେ ବଢୁଥିବା ବିଭିନ୍ନ ଅସାମାଜିକ କାର୍ଯ୍ୟକୁ ପ୍ରତିହିତ କରିବ ପାଇଁ ସ୍ଥାନୀୟ ଲୋକଙ୍କ ସହଯୋଗ ସହ ପୁଲିସ ଓ ଜନସାଧାରଣଙ୍କ ମଧ୍ୟରେ ଦୂରତା କମାଇବା ବୈଠକର ଲକ୍ଷ୍ୟ ବୋଲି ଜଣାଯାଇଛି। ଚମ୍ପୁଆ ଥାନା ଅଧିକାରୀ ସୁମିତ କୁମାର ସୋରେନଙ୍କ ସଭାପତିତ୍ୱରେ ସବ୍‌ଇନ୍ସପେକ୍ଟର ଭଜମନ କର୍ତ୍ତା ପରିଚାଳନା କରିଥିଲେ। ଛୋଟ ପିଲାମାନଙ୍କୁ ବିଭିନ୍ନ କାର୍ଯ୍ୟରେ ନିୟୋଜିତ, ମଦ ହାଣ୍ଡିଆ ଆଦି ବିକ୍ରି, ଫେରି କାମ କରିବାକୁ ଆସୁଥିବା ଲୋକଙ୍କ ଉପରେ ନଜର ରଖାଯାଇଥିବା କହୁଯାଇଥିଲା। ପୁଲିସ ପେଟ୍ରୋଲିଂ ବଢାଇବା, ଯାନ ବାହାନରୁ ଅଧିକ ଜରିମାନା ଆଦାୟ ନ କରିବା ପାଇଁ ଜନସାଧାରଣ ପୁଲିସକୁ ଅବଗତ କରିଥିଲେ। ସୋରେନ ହେଲମେଟ୍ ବ୍ୟବହାର କରିବା ଓ ନ କରିବା ଦ୍ୱାରା କଣ ସବୁ କ୍ଷତି ହୁଏ ତାହା ଜ୍ୱଳନ୍ତ ଉଦାହରଣ ଦେଇଥିଲେ। ବୈଠକରେ ସ୍ଥାନୀୟ ସରପଞ୍ଚ ଜୟକିଶୋରୀ ନାଏକ, ଆମ ପୁଲିସ ସମିତି ସଭ୍ୟମାନଙ୍କ ସହିତ ଗ୍ରାମବାସୀ ଉପସ୍ଥିତ ଥିଲେ।

# ପରକୀୟା ପ୍ରୀତିରୁ ହତ୍ୟାକାଣ୍ଡ, ୪ ଗିରଫ


ଗିରଫ ହୋଇଥିବା ୪ ଯୁବକ(ମଝି)।

**କେନ୍ଦୁଝର, ୧।୧୦(ସ୍ୱ.ପ୍ର.)**

ସ୍ଥାନୀୟ ଧର୍ମଶାଳା ନିକଟରେ ଘଟିଥିବା ହତ୍ୟା ଘଟଣାରେ ଶନିବାର ୪ ଜଣଙ୍କୁ ଟାଉନ ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନଙ୍କ ନାମ ସଦର ବ୍ଲକର ମଣ୍ଡୁଆ ଗ୍ରାମର ସୁଶାନ୍ତ ନାଏକ, କେନ୍ଦୁଝର ସହରର ପବିତ୍ରଡିହାର ବାବୁ ମୁଖୀ, ଭୁଲାଦାର ସାହିର ସେକ ବିରୁ ଓ ତୁରୁମୁଙ୍ଗା ଥାନା କେନ୍ଦେଇପଶି ଗ୍ରାମର ଲୁଲୁ ନାଏକ। ପରକୀୟା ପ୍ରତିରୁ ହତ୍ୟାକାଣ୍ଡ ଘଟିଥିବା ପୋଲିସ କହିଛି।

ଜଣେ ୪୦ ବର୍ଷ ବୟସ୍କା ମହିଳାଙ୍କୁ ସେମାନେ ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ମହିଳା ଜଣଙ୍କ ସ୍ଥାନୀୟ ଭିମାର୍ଟ ନିକଟରେ ରହୁଥିଲେ। ଅଭିଯୁକ୍ତମାନେ ଡେନ୍‌ଡ୍ରାଇଟ ନିଶାଗ୍ରସ୍ତ ହୋଇ ଜରି ଗୋଟାଇ ଚଳନ୍ତି। ଉକ୍ତ ମହିଳାଙ୍କ ସହ କେତେ ଜଣ ଯୁବକ ଅନୈତିକ ସମ୍ପର୍କ ରଖୁଥିଲେ। ଏଥିରେ କ୍ରୋଧାନ୍ୱିତ ହୋଇ ତାଙ୍କ ସ୍ୱାମୀ ମାରିବାକୁ ଉଦ୍ୟମ କରିଥିଲେ। ପରେ ତାଙ୍କ ସ୍ୱାମୀ ଏବଂ ଅନ୍ୟମାନେ ମିଶି ପଥରରେ ଛେଚି ମହିଳାଙ୍କୁ ମାରି ଧର୍ମଶାଳା ପାଚେରି ଭିତରକୁ ଫୋପାଡି ଦେଇଥିଲେ।

# ସମ୍ମିଳନୀରେ ଶତାଧିକ କର୍ମୀ

**ପାଟଣା,୧।୧୦(ସ୍ୱ,ପ୍ର,)**

ପାଟଣା ନିର୍ବାଚନ ମଣ୍ଡଳୀ ସାହାରପଡା ବ୍ଲକ ମାଛଗଡ଼ସ୍ଥିତ ସୁନାରୀପଶି ସ୍କୁଲ ପଡିଆଠାରେ ଜନସମୃଦ୍ଧି ପାର୍ଟିର କାର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସମ୍ମିଳନୀରେ ଶତାଧିକ କାର୍ମୀ ଯୋଗ ଦେଇଥିଲେ। ଜନସମୃଦ୍ଧି ପାର୍ଟିର ବ୍ଲକ ସଭାପତି ରବୀନ୍ଦ୍ର ନାଥ ନାଏକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଜନସମୃଦ୍ଧି ପାର୍ଟିର ସମ୍ପାଦକ ସଞ୍ଜୀବ ବେହେରା ଯୋଗ ଦେଇ ଚମ୍ପୁଆ ବିଧାୟକ ସନାତନ ମହାକୁଡ଼ଙ୍କ ଜନସମୃଦ୍ଧିପାର୍ଟି ଲୋକମାନଙ୍କ ପାଇଁ କାମକରୁଥିବା ଦଳ। ଲୋକଙ୍କ ସହ ରହିବ ଏହି ଦଳ ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୋରାସ ସରପଞ୍ଚ ନିରୂପମା ନାଏକ, ଦିଗିପଶି ସରପଞ୍ଚ ଚନ୍ଦ୍ରିକା ନାଏକ, ସମିତି ସଭ୍ୟ ସୁଶୀଲ ମାଝୀ, ଦାମାହୁଦା ସରପଞ୍ଚ ଶିବାନୀ ଚାମ୍ପିଆ ଓ ମାଛଗଡ଼ ସରପଞ୍ଚ ଈଶ୍ୱର ଚନ୍ଦ୍ର ନାଏକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ନୂତନ କର୍ମୀଙ୍କୁ ଜନସମୃଦ୍ଧି ପାର୍ଟି ତରଫରୁ ଡ୍ରେସ ବଣ୍ଟନ କରାଯାଇଥିଲା। ମାଛଗଡ଼ ପଞ୍ଚାୟତ ସମିତି ସଭ୍ୟ ରଞ୍ଜନ ସାହୁ ସଭା ଶେଷରେ ଧନ୍ୟବାଦ ଦେଇଥିଲେ। ଦଳକୁ ତୃଣମୂଳସ୍ତରରୁ ସୁଦୃଢ଼ କରିବା ଲାଗି କର୍ମୀମାନଙ୍କୁ ଆହ୍ୱାନ ଦିଆଯାଇଥିଲା।

# କାଠ ଜବତ, ଜଣେ ଅଟକ


ଜବତ ହୋଇଥିବା କାଠ।

**ଆନନ୍ଦପୁର, ୧।୧୦(ସ୍ୱ.ପ୍ର.)**

ଆନନ୍ଦପୁର ବନ୍ୟପ୍ରାଣୀ ବନଖଣ୍ଡ ଅଧୀନ ମନୋହରପୁର ସାନପୁରୁଣାପାଣି ଅଞ୍ଚଳରେ ଜଣେ ବଙ୍ଗୀୟ ଯୁବକ କାଠ ଚୋରା ଚାଲାଣ କରୁଥିବା ସମୟରେ ଗ୍ରାମବାସୀଙ୍କ ଦ୍ୱାରା ଅଟକ ରହିଥିଲେ। ସମ୍ପୃକ୍ତ ଚୋରା ଚାଲାଣକାରୀ ବିପୁଳ ପରିମାଣର କାଠ ବାହାର ରାଜ୍ୟକୁ ଚାଲାଣ କରୁଥିବା ସମ୍ପର୍କରେ ଗ୍ରାମବାସୀ ସ୍ଥାନୀୟ ବନ ବିଭାଗ କର୍ମଚାରୀଙ୍କୁ ସୂଚନା ଦେଇଥିଲେ। ବନ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି କାଠକୁ ଜବତ କରି ଆନନ୍ଦପୁର ଆଣିଥିଲେ।

ଗ୍ରାମବାସୀଙ୍କ କହିବା ଅନୁଯାୟୀ, ବିଭିନ୍ନ ସମୟରେ ଏହିଭଳି ବ୍ୟାପକ ଭାବେ କାଠ ଚୋରା ଚାଲାଣ ହେଉଥିବା ସମୟରେ ବନ ବିଭାଗ କର୍ମଚାରୀମାନେ ଜାଣି ନ ଜାଣିଲା ଭଳି ପ୍ରଦର୍ଶନ କରୁଥିବାରୁ ଜଙ୍ଗଲ କ୍ରମସଃ ହ୍ରସା ପାଇବାରେ ଲାଗିଛି। ଖବର ଲେଖାହେବା ବେଳକୁ ଜବତ ହୋଇଥିବା କାଠ ପରିମାଣ ସମ୍ପର୍କରେ ଠିକ ତଥ୍ୟ ମିଳିପାରିନାହିଁ। ଡିଏଫଓ ଅଜିତ୍ କୁମାର ଶତପଥି କହିଛନ୍ତି ଯେ, ବିଭାଗୀୟ କର୍ମଚାରୀମାନେ ଘଟଣାସ୍ଥଳକୁ ଯାଇଛନ୍ତି। କାଠ ଗଣା ଚାଲିଛି ପରେ ଏହାର ସଂଖ୍ୟା ଜଣାପଡିବ ବୋଲି ସେ କହିଥିଲେ।

## ଆନନ୍ଦପୁର ପ୍ରେସ୍ କ୍ଲବର ବାର୍ଷିକ ଉତ୍ସବ, ବାଣିଜ୍ୟ ମେଳା

# 'ସତ ଖବର ଲୁଚିଯାଉଛି'

**ଆନନ୍ଦପୁର, ୧।୧୦(ସ୍ୱ.ପ୍ର.)**



ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

- ଆକୃଷ୍ଟ କରୁଛୁ ମିନାବଜାର
- ମନମୋହିଲା ନୃତ୍ୟ ପରିବେଷଣ

ବର୍ତ୍ତମାନ ସମାଜରେ ସାମାଜିକ ଗଣମାଧ୍ୟମ ପ୍ରଭାବ ବିସ୍ତାର କରିଛି। ଏହା ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମକୁ ସତ୍ୟ ଖବର ପ୍ରକାଶ ଦିଗରେ ପ୍ରଭାବିତ କରୁଛି। ଫଳରେ ସତ ଖବର ଲୁଚି ଯାଉଛି ବୋଲି ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା, ବିଜ୍ଞାନ ଓ କାରିଗରି ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ର ପ୍ରେସ୍ କ୍ଲବ ଆନନ୍ଦପୁରର ବାର୍ଷିକ ଉତ୍ସବ ଓ ବାଣିଜ୍ୟମେଳାର ଉଦଘାଟନୀ ସମାରୋହରେ ଯୋଗଦେଇ ମତ ଦେଇଛନ୍ତି। ମିଡିଆ ହାଉସ୍‌ର ମାଲିକମାନଙ୍କର ରୁଚିଅନୁଯାୟୀ ଗଣମାଧ୍ୟମ ପ୍ରତିନିଧିମାନେ ଖବର ପ୍ରକାଶ କରୁଥିବାରୁ ସତ୍ୟ ଓ ନିର୍ଭୁଲ ଖବର ପ୍ରକାଶନରେ ବାଧା ସୃଷ୍ଟି ହେଉଥିବା ସେ କହିଥିଲେ।

ଆୟୋଜିତ ବାର୍ଷୀକ ଉତ୍ସବ ଓ ବାଣିଜ୍ୟ ମେଳାର ଉଦ୍‌ଘାଟନୀରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ପାତ୍ର, ମୁଖ୍ୟବକ୍ତା ଆନନ୍ଦପୁର ମହାବିଦ୍ୟାଳୟର ଅଧ୍ୟକ୍ଷ ରମାକାନ୍ତ ନାୟକ, ସମ୍ମାନିତ ଅତିଥି ଆନନ୍ଦପୁର ଉପଜିଲାପାଳ ରବିନାରାୟଣ ସାହୁ, ଆନନ୍ଦପୁର ଓକିଲ ସଂଘର ସଭାପତି ସଞ୍ଜୟ କୁମାର ମିଶ୍ର ଯୋଗଦେଇ ଗଣମାଧ୍ୟମ ପ୍ରତିନିଧିମାନେ ଜାଗ୍ରତ ପ୍ରହରୀ ଭାବେ କାର୍ଯ୍ୟକରୁଥିଲେ ମଧ୍ୟ ସେମାନଙ୍କ ସୁରକ୍ଷା ଦିଗରେ ସରକାର ଯଥେଷ୍ଟ ଯତ୍ନବାନ୍ ହେବା ଆବଶ୍ୟକ ବୋଲି ମତ ଦେଇଥିଲେ। ଆନନ୍ଦପୁର ପ୍ରେସ୍ କ୍ଲବ ସଭାପତି ଗୋପାଳ କୃଷ୍ଣ ରାଉତଙ୍କ ସଭାପତିତ୍ୱରେ ପୂର୍ବତନ ସଭାପତି ତଥା ବାଣିଜ୍ୟ ମେଳା କମିଟିର ଅଧ୍ୟକ୍ଷ ଲୋକନାଥ ସିଂହ ସଞ୍ଚାଳନ କରିଥିଲେ। ପ୍ରେସ୍ କ୍ଲବର ସମ୍ପାଦକ ସନ୍ତୋଷ ରାଉତ ବାର୍ଷୀକ ବିବରଣୀ ପାଠ କରିଥିଲେ। ବାଣିଜ୍ୟ ମେଳା କମିଟିର କନଭେନର ଦେବପ୍ରିୟ ପାତ୍ର ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ କ୍ଲବର ଉପଦେଷ୍ଟା ନାରାୟଣ ଚନ୍ଦ୍ର ପଣ୍ଡା, କୁଞ୍ଜବନ ମହାପାତ୍ର, ପ୍ରଦୀପ ହଜାରୀ, ଉପସଭାପତି ମାନସ ରଞ୍ଜନ ହୋତା, ଶ୍ରୀକୁମାର ମିଶ୍ର, କାର୍ଯ୍ୟକାରୀ ସମ୍ପାଦକ ଅନୀଲ ସାହୁ, ଯୁଗ୍ମ ସମ୍ପାଦକ ଭାବେ ଶୁଭକାନ୍ତ ନାୟକ, ରାଜୀବ ଜେନା, କୋଷାଧ୍ୟକ୍ଷ ଭାବେ ଦିଲ୍ଲୀପ ମିଶ୍ର, ଆଇନ ପରାମର୍ଶଦାତା ସରୋଜ କାନ୍ତ ପରିଡା, ଗୋପୀନାଥ ପାତ୍ର, ଶୁଭାଶିଷ ପାଢୀ, ଭରତ ଚନ୍ଦ୍ର ମିଶ୍ର, ବ୍ରଜ କିଶୋର ଓଝା, ସଞ୍ଜୟ ଦଳେଇ, ଅନନ୍ତ ଚରଣ ପହି, ପ୍ରତିରଞ୍ଜନ ବେହେରା, ନାରାୟଣ ସାହୁ, ସୁଦୀପ ସାହୁ, ପ୍ରକାଶ ହଜାରୀ, ସନ୍ତୋଷ ପଟ୍ଟନାୟକ, ଘନଶ୍ୟାମ ଜେନା, ରାଜେନ୍ଦ୍ର ପ୍ରସାଦ ଦାଶ, ବିକାଶ ବିଶ୍ୱାଳ, ସଞ୍ଜୀବ ମହାନ୍ତି ,ନିଳମଣି ବାରିକ, ଜଗନ୍ନାଥ ଧଡା, ଯଶୋବନ୍ତ କର, ଭାଗିରଥି ଦାଶ, ଲିଟୁ ହଜାରୀ ପ୍ରମୁଖଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ରହିଥିଲେ। ବାଣିଜ୍ୟ ମେଳା ଅବସରରେ ବହୁ ନାମିଦାମି ଷ୍ଟଲ୍‌ର ପସରା ମେଳିଛି। ଦୋଳୀ, ମିନାବଜାର ଦର୍ଶକମାନଙ୍କୁ ଆକୃଷ୍ଟ କରିଛି। କାର୍ଯ୍ୟକ୍ରମକୁ ଅଧିକ ଆକୃଷ୍ଟ କରିବା ନିମନ୍ତେ ସ୍ଥାନୀୟ ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତ ମହାବିଦ୍ୟାଳୟର ଅଧ୍ୟକ୍ଷ ଶମ୍ଭୁନାଥ ରଣାଙ୍କ ନିର୍ଦ୍ଦେଶନାରେ ନୃତ୍ୟଶିଳ୍ପୀମାନେ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରି ଦର୍ଶକମାନଙ୍କୁ ବେଶ ଆକୃଷ୍ଟ କରିଥିଲେ।

## ସଂକ୍ଷେପରେ

### ଆଦିବାସୀ ମାନ୍ୟତା ନିମନ୍ତେ କୁଡୁମୀ ସେନାର ଦାବି

**ଭଞ୍ଜକିଆ/ଯଶିପୁର, ୧।୧୦(ଡି.ଏନ.ଏ.)-** ମୟୂରଭଞ୍ଜ ଜିଲା ଯଶିପୁର ବ୍ଲକ ଅଧୀନ ଜାମୁକେଶର ହାଇସ୍କୁଲ ପଡିଆଠାରେ କୁଡୁମୀ ସେନା ପକ୍ଷରୁ 'ଗାଁକୁ ଚାଲ' ଅଭିଯାନ ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। କୁଡୁମୀ ଜାତିକୁ ପୁନଃ ଆଦିବାସୀ ଦାବି ନେଇ ବିଶାଳ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ସଭାପତି ଜୈମୁନି ମହାନ୍ତ, ଉପସଭାପତି ଦିବ୍ୟସିଂ ମହାନ୍ତ, ଜିଲା କାର୍ଯ୍ୟକାରୀ ସଭାପତି ରଘୁନନ୍ଦନ ମହାନ୍ତ, ଡମ୍ବରୁ ମହାନ୍ତ, ବିପିନ ବିହାରୀ ମହାନ୍ତ, କେନ୍ଦୁଝର ଜିଲା କାର୍ଯ୍ୟକାରୀ ସଭାପତି ରୁଦ୍ର ନାରାୟଣ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ ରାଜ୍ୟ ସରକାର ଦାବି ପୂରଣ ନ କଲେ ତୀବ୍ର ଆନ୍ଦୋଳନ କରାଯିବା ସହ ନବୀନ ନିବାସ ଘେରାଉ ସମେତ କୁଡୁମୀ ସେନା ଭୋଟ ବର୍ଜନ କରିବ ବୋଲି ଶିବିରରେ ରାଜ୍ୟ ସଭାପତି ଜୈମୁନି ମହାନ୍ତ ଚେତାବନୀ ଦେଇଥିଲେ। ହଜାର ହଜାର କୁଡୁମୀ ଜାତିର ଲୋକ ଏଥିରେ ସାମିଲ ହୋଇଥିଲେ। ପରିଶେଷରେ ଝୁମର ସଙ୍ଗୀତ ପରିବେଷଣ ହୋଇଥିଲା। ଭିଡ଼ ନିୟନ୍ତ୍ରଣ ପାଇଁ ଯଶିପୁର ପୋଲିସ ମୁତୟନ ହୋଇଥିଲା।

### ବରିଷ୍ଠ କଂଗ୍ରେସ ନେତାଙ୍କ ପରଲୋକ

**ବହଳଦା,୧।୧୦(ଡି.ଏନ.ଏ):** ବହଳଦା ଅଞ୍ଚଳର ବରିଷ୍ଠ କଂଗ୍ରେସ ନେତା ଅଜୟ ମହାକୁଡ(୬୨)ଙ୍କର ସୋମବାର ସକାଳେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ସ୍ୱର୍ଗତ ମହାକୁଡ ଛାତ୍ର ଜୀବନରୁ କଂଗ୍ରେସ ରାଜନୀତି ସହ ସଂପୃକ୍ତ ଥିଲେ । ସେ ରାଇରଙ୍ଗପୁର ମହାବିଦ୍ୟାଳୟର ଛାତ୍ର ସଂସଦର ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିଲେ । ଦୀର୍ଘ ଦିନ ଧରି ସେ ପିସିସିର କାର୍ଯ୍ୟକାରିଣୀ ସଭ୍ୟ ଥିଲେ ଓ ସେ ମୟୂରଭଞ୍ଜ ଜିଲା କଂଗ୍ରେସ କମିଟିର ବିଭିନ୍ନ ପଦ ପଦବୀରେ ମଧ ନିଯୁକ୍ତ ପାଇଥିଲେ । ତାଙ୍କ ନିଜ ଘର ବହଳଦା ବ୍ଲକ ପାଟ୍ରାମହୁଲପାଣି ଗାଁରେ। ସୋମବାର ସନ୍ଧ୍ୟାରେ ମର ଶରୀର ଗାଁରେ ପହଞ୍ଚିବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ।

### ଅନ୍ତର୍ଜାତୀୟ ବୟୋଜ୍ୟେଷ୍ଠ ଦିବସ

**ବଡ଼ସାହି,୧।୧୦(ଡି.ଏନ୍.ଏ./ସ୍ୱ.ପ୍ର.):** ବଡ଼ସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସୋମବାର ବିଶ୍ୱ ବୟୋଜ୍ୟେଷ୍ଠ ଦିବସ ପାଳିତ ହୋଇଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା. ନାରାୟଣ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ୪୭ ଜଣ ବୟସ୍କ ବ୍ୟକ୍ତି ଯୋଗ ଦେଇଥିଲେ। ସଭାରେ ଏ ପ୍ରକାର ଦିବସ ପାଳନ କରିବାର ତାତ୍ପର୍ଯ୍ୟ ବିଷୟରେ ସୂଚନା ଦିଆଯାଇଥିଲା। ବିଶେଷଜ୍ଞ ଭାବେ ଆୟୁଷ ଡାକ୍ତର ଡା. ସନତ୍ କୁମାର ଦାଶ ଯୋଗଦେଇ ବୟସ୍କ ନାଗରିକଙ୍କ ଅଧିକାର, ଡାଇବେଟିସ୍, ରକ୍ତଚାପ, କ୍ୟାନ୍ସର ଭଳି ଅଣସଂକ୍ରାମକ ରୋଗରୁ ରକ୍ଷା ପାଇବାର ଉପାୟ ବାବଦରେ ଆଲୋଚନା କରିଥିଲେ। ପିଏଚ୍ଇଓ ଦୀପ୍ତିମୟୀ ଜେନା, ବିପିଏମ୍ କମଳ ଲୋଚନ ରଣା ପ୍ରମୁଖ କାର୍ଯ୍ୟକ୍ରମ ସଂଚାଳନରେ ସହଯୋଗ କରିଥିଲେ।

# ବାଣ ଫୁଟାଇ ଆତଙ୍କ ଖେଳାଇଲେ ଛାତ୍ର

**ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ**



ଏମପିସି ଅଟୋନମସ କଲେଜରେ ନିର୍ବାଚନ ବିଜ୍ଞପ୍ତି ନୋଟିସକୁ ଆଶାୟୀମାନେ ଅନୁଧ୍ୟାନ କରୁଛନ୍ତି।

- ପ୍ରକାଶ ପାଇଲା ବିଜ୍ଞପ୍ତି, କ୍ୟାମ୍ପସ ସରଗରମ
- କଡାକଡି ହେଲା ସୁରକ୍ଷା ବ୍ୟବସ୍ଥା

**ବାରିପଦା ଅଫିସ,୧।୧୦**

ଛାତ୍ର ସଂସଦ ନିର୍ବାଚନ ପାଇଁ ମୟୂରଭଞ୍ଜ ଜିଲାର ବିଭିନ୍ନ କଲେଜ ସମେତ ଉତ୍ତର ଓଡିଶା ବିଶ୍ୱ ବିଦ୍ୟାଳୟରେ ମଧ ସୋମବାର ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି। ହେଲେ ଏହି ବିଶ୍ୱବିଦ୍ୟାଳୟର ୫ ଓ ୬ ନମ୍ବର ବ୍ଲକର ଶୌଚାଳୟ ଓ ଛାତ ଉପରେ କେତେକ ଛାତ୍ର ବାଣ ଫୁଟାଇ ଆତଙ୍କ ଖେଳାଇଥିବାରୁ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଛି। ଏନେଇ ସୂଚନା ପାଇବା ପରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରିବା ପାଇଁ ପୋଲିସ ବିଭାଗ ସହିତ ଆଲୋଚନା କରିଥିବା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଦୀପ କୁମାର ଚାନ୍ଦ କହିଛନ୍ତି।

ଲିଙ୍ଗଡୋଶ କମିଶନଙ୍କ ନିୟମ ମୁତାବକ ସମସ୍ତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ନିର୍ବାଚନ ଅନୁଷ୍ଠିତ ହୁଏ। ମାତ୍ର କୌଣସି ପ୍ରକାର ଗଣ୍ଡଗୋଳ କିମ୍ବା ଛାତ୍ର ଅଶାନ୍ତି ହେଲେ ନିର୍ବାଚନ ବାତିଲ କରିବା ପାଇଁ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ରହିଛି। ଏହାକୁ ଆଖି ଆଗରେ ରଖି ଏକ ରାଜନୈତିକ ଦଳ ସମର୍ଥିତ ଜଣେ ସଭାପତି ପ୍ରାର୍ଥୀଙ୍କ ସମର୍ଥକ ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟରେ ବାଣ ଫୁଟାଇ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି କରିଥିବା ଜଣେ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ନାମାଙ୍କନପତ୍ର ନାକଚ ହେବା ଭୟ ଥିବାରୁ କଲେଜ ନିର୍ବାଚନ ବାତିଲ କରିବା ପାଇଁ ଉଦ୍ଦେଶ୍ୟରେ ସେ ଏହି କାଣ୍ଡ ଭିଆଇ ଥିବା ଅନ୍ୟ ଆଶାୟୀମାନେ ଆଲୋଚନା କରୁଛନ୍ତି।

ସେହିପରି ବାରିପଦା ତକତପୁରସ୍ଥିତ ଏମପିସି ଅଟୋନମସ କଲେଜରେ ୨ ବର୍ଷ ନିର୍ବାଚନ ବାତିଲ ପରେ ଚଳିତ ବର୍ଷ ଏଥିନିମନ୍ତେ ବିଜ୍ଞପ୍ତି ପ୍ରକାଶ ପାଇଛି। ୨୦୧୬ ମସିହାରେ ଛାତ୍ର ସଂସଦ ନିର୍ବାଚନ ବେଳେ ଛାତ୍ର ହିଂସା ଯୋଗୁଁ ନିର୍ବାଚନ ବାତିଲ ହୋଇଥିଲା। ସେହିପରି ୨୦୧୭ ମସିହାରେ ମଧ ଛାତ୍ର ସଂସଦ ନିର୍ବାଚନ ହୋଇ ନ ଥିଲା। ଚଳିତ ବର୍ଷ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ତେବେ ଗଣ୍ଡଗୋଳ ଆଶଙ୍କାରେ ମହାବିଦ୍ୟାଳୟରେ ଅଣଛାତ୍ରଙ୍କ ପ୍ରବେଶ ନିଷେଧ କରାଯାଇଥିବା ବେଳେ ଛାତ୍ରୀଛାତ୍ରଙ୍କୁ ମଧ ପରିଚୟ ପତ୍ର ଦେଖିବା ପରେ ପ୍ରବେଶ ଅନୁମତି ଦିଆଯାଉଛି ବୋଲି ଅଧକ୍ଷ ବିଷ୍ଣୁଚରଣ ଜେନା କହିଛନ୍ତି। କଲେଜ ମୁଖ୍ୟ ଫାଟକରେ ପୋଲିସ କ୍ୟାମ୍ପ କରିଥିବା ବେଳେ ୩ ଟି ଛାତ୍ରାବାସ ଓ ୨ ଟି ଛାତ୍ରୀବାସରେ ମଧ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି। ନିର୍ବାଚନକୁ ଶାନ୍ତିଶୃଙ୍ଖଳା ସହିତ ଅନୁଷ୍ଠିତ କରିବା ପାଇଁ ଆଶାୟୀ ପ୍ରାର୍ଥୀ ଓ ଛାତ୍ରୀଛାତ୍ରଙ୍କ ସହିତ ଏକ ସ୍ୱତନ୍ତ୍ର ବୈଠକରେ ଆଲୋଚନା କରାଯିବ ବୋଲି ମଧ ଅଧକ୍ଷ ଜେନା କହିଛନ୍ତି।

ପ୍ରକାଶ ଥାଉକି ଆସନ୍ତା ୩ ତାରିଖରେ ନାମାଙ୍କନପତ୍ର ଦାଖଲ କରାଯିବ। ୪ ତାରିଖ ଅପରାହ୍ନ ୨ ଟାରୁ ୪ ଟା ମଧରେ ପ୍ରାର୍ଥୀମାନେ ନାମାଙ୍କନ ପତ୍ର ପ୍ରତ୍ୟାହାର କରିବେ। ଅପରାହ୍ନ ୫ ଟାରେ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ୧୦ ତାରିଖରେ 'ମୁଁ କାହିଁକି ପ୍ରାର୍ଥୀ ହୋଇଛି'(ହ୍ୱାଏ ଆଇ ଷ୍ଟାଣ୍ଡ ଫର) ବୈଠକ ଅନୁଷ୍ଠିତ ହେବ। ୧୧ ତାରିଖ ସକାଳ ୮ ରୁ ୨ ଟା ମଧରେ ନିର୍ବାଚନ ଅନୁଷ୍ଠିତ ହୋଇ ସେହିଦିନ ଫଳାଫଳ ପ୍ରକାଶ ପାଇବ। ୧୨ ତାରିଖରେ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହେବ। ମୟୂରଭଞ୍ଜ ଜିଲାରେ ବାରିପଦା, ରାଇରଙ୍ଗପୁର, ଯଶିପୁର, କରଞ୍ଜିଆ, ବମ୍ଫେଛକ, ଗଡିଆ, ଉଦଳା, ବାଇଗଣବାଡିଆ, ଚିତ୍ରଡା, ମୋରଡା, ନଳଗଜା, ବଡସାହି, ବେତନଟି ଅଞ୍ଚଳରେ ଥିବା ମୋଟ ପ୍ରାୟ ୧୪ ଟି କଲେଜରେ ନିର୍ବାଚନ ଅନୁଷ୍ଠିତ ହେବ।




ବୈଠକରେ ଉପସ୍ଥିତ କର୍ମକର୍ତ୍ତା ଓ ଅନ୍ୟମାନେ।

# ଅଲ୍ ଓଡ଼ିଶା ଅଙ୍ଗନୱାଡି କର୍ମୀ ଓ ସହାୟିକା ସାମ୍ମୁଖ୍ୟର ବୈଠକ

**ବାରିପଦା ଅଫିସ,୧।୧୦**

ବାରିପଦାଠାରେ ଅଲ୍ ଓଡ଼ିଶା ଅଙ୍ଗନୱାଡି କର୍ମୀ ଓ ସହାୟିକା ସାମ୍ମୁଖ୍ୟର ଜିଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲାର ସମସ୍ତ ୨୬ଟି ବ୍ଲକର କର୍ମକର୍ତ୍ତା ଯୋଗଦେଇଥିଲେ। ଅଲ୍ ଓଡ଼ିଶା ଅଙ୍ଗନୱାଡି କର୍ମୀ ଓ ସହାୟିକା ସାମ୍ମୁଖ୍ୟର ରାଜ୍ୟ ସଭାନେତ୍ରୀ ନନ୍ଦିନୀ ପଣ୍ଡାଙ୍କ ସଭାପତିତ୍ୱରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସାମ୍ପ୍ରତିକ ପରିସ୍ଥିତିରେ ଅଙ୍ଗନୱାଡି କର୍ମୀ ଓ ସହାୟିକାମାନେ ତାଙ୍କ ପାରିଶ୍ରମିକ ତୁଳନାରେ ଯଥେଷ୍ଟ ଅଧିକ କାମ କରୁଥିବା ଆଲୋଚନା ହୋଇଥିଲା। ଏହାସହ ଆହୁରି ଅଧିକ କାମ ତାଙ୍କ ଉପରେ ଲଦି ଦିଆଯାଉଥିବା ସେମାନେ କହିଥିଲେ। ଅଙ୍ଗନୱାଡି କର୍ମୀ ଓ ସହାୟିକାମାନଙ୍କ ଅନ୍ୟାନ୍ୟ ଦାବି ସମ୍ପର୍କରେ ମଧ ଆଲୋଚନା କରାଯାଇଥିଲା। ଖୁବ୍‌ଶୀଘ୍ର ପ୍ରଥମ ପର୍ଯ୍ୟାୟରେ ରାଜ୍ୟ ସରକାରଙ୍କ ସହିତ ଆଲୋଚନା କରାଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏହାଛଡ଼ା ଅନ୍ୟାନ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଅନ୍ୟମାନଙ୍କ ମଧରେ ନନ୍ଦିତା ଦତ୍ତ, କମଳା ମହାନ୍ତି, କବିତା ମହାନ୍ତି, ମୁଗୁନି ମହାନ୍ତି, ଜ୍ୟୋସ୍ନାରାଣୀ କର, ବେବିରାଣୀ ଦାଶ, ଚନ୍ଦ୍ରକାନ୍ତ ଲେଙ୍କା, ସୁବର୍ଣ୍ଣ ବେହେରା, ଜ୍ୟୋତିରାଣୀ ମିଶ୍ର, ପ୍ରତିମା ବେହେରା, ଦୀପ୍ତି ମହାନ୍ତ, ପୁଷ୍ପିତା ମହାନ୍ତ ପ୍ରମୁଖ ଅଙ୍ଗନୱାଡି କର୍ମୀମାନେ ବୈଠକରେ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

# ହାତୀ ଉଜାଡିଲା ଫସଲ

**ବିଶୋଇ,୧।୧୦**

ବିଶୋଇ ଫରେଷ୍ଟ ରେଞ୍ଜ ଅନ୍ତର୍ଗତ ଖଡମବେଡା ପଞ୍ଚାୟତରେ ହାତୀ ଆତଙ୍କ ବଢ଼ିବାରେ ଲାଗିଛି । ରବିବାର ବିଳମ୍ବିତ ରାତ୍ରୀରେ କାଦପାଣି ଗ୍ରାମର ରବୀନ୍ଦ୍ର ମହାକୁଡଙ୍କ ଚାଷ ଜମିରେ ହାତୀ ପ୍ରବେଶ କରି ଧାନ ଖାଇବା ସହିତ ଗଛଗୁଡିକୁ ଦଳି ଚକଟି ନଷ୍ଟ କରି ପକାଇଥିଲେ । ତେବେ ରବୀନ୍ଦ୍ର ଜଣେ ଗରିବ ଶ୍ରେଣୀର ଲୋକ ଥିବା ବେଳେ ଚାଷ କାମ କରି ନିଜ ପରିବାର ପ୍ରତିପୋଷଣ କରିଥାନ୍ତି । ଏ ବିଷୟରେ ସ୍ଥାନୀୟ ବନ ବିଭାଗ ଦୃଷ୍ଟି ଦେଇ ରବୀନ୍ଦ୍ରଙ୍କୁ ଯଥାଶୀଘ୍ର ଆର୍ଥିକ ସାହାଯ୍ୟ ଯୋଗାଇଦେବା ପାଇଁ ଦାବି ହୋଇଛି ।

# ମହିଳାଙ୍କୁ କମେଣ୍ଟ ମାରି ଯୁବକ ହଟହଟା

**ବାରିପଦା ଅଫିସ,୩୦।୯**

ବାରିପଦା ସହର ତୁଳସୀଚଉରା ଅଞ୍ଚଳର ଜଣେ ମହିଳାଙ୍କୁ କମେଣ୍ଟ ମାରି ଜଣେ ଯୁବକ ଛେଚା ଖାଇଛନ୍ତି। ପରେ ଲୋକେ ଏହି ଯୁବକଙ୍କୁ ପୋଲିସ ଜିମାରେ ଦେଇଛନ୍ତି।

ମହିଳାଜଣଙ୍କ ନିଜ ପୁଅ ସହ ଜୁବୁଲି ପାର୍କ ଏରିଆରୁ ଚାଲି ଚାଲି ଘରକୁ ଫେରୁଥିଲେ। ବାଟରେ ୪ରୁ ୬ ଯୁବକ ତାଙ୍କୁ ପିଛା କରି କମେଣ୍ଟ ମାରି ଦୁର୍ବ୍ୟବହାର କରିଥିଲେ। ଏହାକୁ ବିରୋଧ କରି ମହିଳାଜଣକ ଜଣେ ଯୁବକଙ୍କୁ ମାଡ଼ ମାରିଥିଲେ। ଏହା ଦେଖି ସେଠାରେ ଲୋକେ ରୁଣ୍ଡ ହୋଇଯିବାରୁ ଅନ୍ୟ ଯୁବକମାନେ ଖସି ପଳାଇଥିଲେ। ଖବରପାଇ ବାରିପଦା ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଯୁବକଙ୍କୁ ଥାନାକୁ ଧରି ଆଣି ଅଟକ ରଖିଛି।

# ମନୋବଳ ଦୃଢ କରିବାକୁ ଭିନ୍ନକ୍ଷମଙ୍କୁ ଆହ୍ୱାନ

**ଅନ୍ତର୍ଜାତିକ ବଧିର ଦିବସ**

**ବାରିପଦା ଅଫିସ,୧।୧୦**

ମୟୂରଭଞ୍ଜ ଜିଲା ପ୍ରଶାସନ ତତ୍ତ୍ୱାବଧାନରେ ଜିଲାସ୍ତରୀୟ ବିଶ୍ୱ ବଧିରତା ଦିବସ ପାଳନ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲା ସାମାଜିକ ସୁରକ୍ଷା ବିଭାଗ ଆନୁକୂଲ୍ୟରେ ଜିଲା ସର୍ବଶିକ୍ଷା ଅଭିଯାନ,ଜିଲା ସ୍ୱାସ୍ଥ୍ୟ ବିଭାଗ, ଜିଲା ରେଡକ୍ରସ, ମୟୂରଭଞ୍ଜ ବଧିର ସଂଘ ପ୍ରମୁଖ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନର ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ବିନିତ ଭରଦ୍ୱାଜ ଯୋଗଦେଇଥିଲେ। ଏହି ଅବସରରେ ଜିଲାର ସମସ୍ତ ଭିନ୍ନକ୍ଷମ ପିଲାଙ୍କୁ ସରକାରଙ୍କ ସାମାଜିକ ସୁରକ୍ଷା ଯୋଜନା କାର୍ଯ୍ୟକ୍ରମ ସହାୟତା ଯୋଗାଇଦେବାକୁ ଉଦ୍ୟମ ଜାରି ରହିଥିବା କହିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଉପଜିଲାପାଳ ମହମ୍ମଦ ଅବଦୁଲ ଅଖତାର ଯୋଗଦେଇ ଭିନ୍ନକ୍ଷମ ପିଲାଙ୍କୁ ଇଚ୍ଛାଶକ୍ତି ଓ ମନୋବଳ ଦୃଢ଼ କରିବା ପାଇଁ ଆହ୍ୱାନ କରିଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନରେଶଚନ୍ଦ୍ର ବିନ୍ଧାଣୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ ଜିଲା ବଧିର ସଂଘ ସମ୍ପାଦକ ସତ୍ୟଜିତ ପାଣିଗ୍ରାହୀ ଓ ସ୍ୱେଚ୍ଛାସେବୀ ସଙ୍ଗଠନ ପ୍ରତିଧ୍ୱନିର ସଭାପତି ଡ.ଶିରିଶଚନ୍ଦ୍ର ଭୋଳ ପ୍ରମୁଖ ଯୋଗଦେଇ ଶ୍ରବଣ ବାଧିତ ପିଲାମାନଙ୍କ ଶିକ୍ଷାର ବିକାଶ ତଥା ସଶକ୍ତୀକରଣ ଦିଗରେ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସହାୟତା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଭିନ୍ନକ୍ଷମ ପିଲାଙ୍କ ଦ୍ୱାରା ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଓ ଭିନ୍ନକ୍ଷମ ଶିକ୍ଷାନୁଷ୍ଠାନର ଶିକ୍ଷୟିତ୍ରୀଶିକ୍ଷକ ଏବଂ ଅଭିଭାବକ ଉପସ୍ଥିତ ଥିଲେ।

# ୧୨ରେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ

**ଜିଲାପାଳ-ମେଡିକାଲ କର୍ତ୍ତୃପକ୍ଷ ବିବାଦ**

- କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ଜିଲା ବ୍ୟାପୀ ଆନ୍ଦୋଳନ
- ଜିଲାପାଳଙ୍କ ବହିଷ୍କାର ଦାବି କଲା ଜେଏମ୍ଏମ୍
- ରାଜନୈତିକ ରୂପ ଦେବାକୁ ଉଦ୍ୟମ ନେଇ ଚର୍ଚ୍ଚା

**ବାରିପଦା ଅଫିସ,୧।୧୦**

ମୟୂରଭଞ୍ଜ ଜିଲାପାଳ ବିନିତ ଭରଦ୍ୱାଜ ଓ ପିଆରଏମ୍ ମେଡିକାଲ କଲେଜର ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଡା. ନରେନ୍ଦ୍ରନାଥ ସୋରେନଙ୍କ ମଧରେ ଦେଖାଦେଇଥିବା ବିବାଦ ଏବେ ରାଜନୈତିକ ମୋଡ଼ ନେଇଛି। ତେବେ ସୁପରିଣ୍ଟେଣ୍ଡେଣ୍ଟ ଡା. ସୋରେନ ଜଣେ ଆଦିବାସୀ ବର୍ଗର ହୋଇଥିବାରୁ ତାଙ୍କ ସପକ୍ଷରେ ବାହାରିଛି ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା। ଜିଲାପାଳଙ୍କ ପ୍ରତି ଦଳୀୟ ଆକ୍ରୋଶ ରଖି ଜେଏମ୍ଏମ୍ ଏବେ ଆଦିବାସୀ କାର୍ଡ ଖେଳୁଥିବା ଜିଲାରେ ଚର୍ଚ୍ଚାର ବିଷୟ ପାଲଟିଛି। ଜିଲାପାଳଙ୍କ ବହିଷ୍କାର ଦାବି ନେଇ ଆସନ୍ତା ୧୨ ତାରିଖରେ ଜେଏମ୍ଏମ୍ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବାକୁ ଚେତାବନୀ ଦେଇଛି। ଏହି ଘଟଣାକୁ ରାଜନୈତିକ ରୂପ ଦେବା ପାଇଁ ଜେଏମ୍ଏମ୍ ଆଗେଇ ଆସିଥିବା ବେଳେ ଉଭୟ ଜିଲାପାଳ ଭରଦ୍ୱାଜ ଓ ସୁପରିଣ୍ଟେଣ୍ଡେଣ୍ଟ ଡା. ସୋରେନ ଚୁପ୍ ରହିବା ଘଟଣାକୁ ରହସ୍ୟମୟ କରୁଛି।

ଜେଏମ୍ଏମ୍‌ର ଜିଲା ସଭାପତି ଫାଗୁ ହାଁସ୍‌ଦାଙ୍କ ଅଧ୍ୟକ୍ଷତାରେ ସୋମବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ବାରିପଦା ମେଡିକାଲରେ ଚିକିତ୍ସା ସେବାରେ ଅବ୍ୟବସ୍ଥା ସହିତ ଆଡ୍‌ମିନିଷ୍ଟ୍ରେଟିଭ ଅଫିସର ଓ ଆକାଉଣ୍ଟ ଅଫିସର ନ ଥିବା ବେଳେ ଏହି ପଦବୀ ପୂରଣ ଲାଗି ପ୍ରଶାସନିକ ସ୍ତରରେ ଉଦ୍ୟମ ହେଉ ନ ଥିବା ଅଭିଯୋଗ ହେଉଛି। ଏକ ଆଦିବାସୀ ଜିଲା ଦାୟିତ୍ୱରେ ଥିବା ପ୍ରଶାସନିକ ଅଧିକାରୀ ଜଣେ ଆଦିବାସୀଙ୍କୁ ଅପମାନ କରି ମାନସିକ ନିର୍ଯାତନା ଦେବା ଗ୍ରହଣୀୟ ନୁହେଁ ବୋଲି ବୈଠକରେ ଆଲୋଚନା ହୋଇଛି। ଜିଲାପାଳ ଜଣେ ଆଦିବାସୀ ବିରୋଧୀ ବୋଲି କହିବା ସହିତ ତାଙ୍କ ବହିଷ୍କାର ପାଇଁ ବୈଠକରେ ଦାବି କରିଛନ୍ତି ଜେଏମ୍ଏମ୍ ଜିଲା ସଭାପତି ହାଁସ୍‌ଦା। ଏହାସହିତ ଏହି ଘଟଣାକୁ ରାଜ୍ୟ ସରକାର ଏକ ଉଚ୍ଚସ୍ତରୀୟ କମିଟି ଦ୍ୱାରା ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନ ନେଲେ ଜେଏମଏମ୍ ଜିଲା ବ୍ୟାପୀ ଆନ୍ଦୋଳନ କରିବାକୁ ହାଁସ୍‌ଦା ଜଣାଇଛନ୍ତି । ବୈଠକରେ କେନ୍ଦ୍ରୀୟ କମିଟି ସଦସ୍ୟ କଳିଙ୍ଗ କେଶରୀ ଜେନା, ଅଜେନ ମୁର୍ମୁ, ମୋହନ ସିଂ, ପ୍ରଭୁଦାନ ମାରାଣ୍ଡି, ଦାସ ମାରାଣ୍ଡି, ସାଉନା ମୁର୍ମୁ, ବାଜୁନ ହାଁସ୍‌ଦା, ଶଙ୍କର ପ୍ରସାଦ ମୁର୍ମୁ, ମାନସ ବେହେରା, ବିଜୁ ସିଂ ଓ ଆଦିକନ୍ଦ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଜିଲାପାଳଙ୍କ ପ୍ରତି ଦଳୀୟ ଆକ୍ରୋଶ ରଖି ଜେଏମ୍ଏମ୍ ଏବେ ଆଦିବାସୀ କାର୍ଡ ଖେଳୁଥିବା ଜିଲାରେ ଚର୍ଚ୍ଚାର ବିଷୟ ପାଲଟିଛି। କାରଣ କିଛିଦିନ ତଳେ ଜେଏମ୍ଏମ୍ ଜିଲା ବ୍ୟାପୀ ବନ୍ଦ ପାଳନ କରିଥିବା ବେଳେ ଜିଲାପାଳ ଭରଦ୍ୱାଜ ନିଜ କାର୍ଯ୍ୟାଳୟକୁ ଆସି କାର୍ଯ୍ୟ କରିଥିଲେ। ଏହାକୁ ସେତେବେଳେ ବିରୋଧ କରି ଜେଏମ୍ଏମ୍ ଜିଲାପାଳଙ୍କ କୁଶପୁତ୍ତଳିକା ଦାହ କରିଥିଲା।

ପ୍ରକାଶଥାଉ କି, ଡା. ସୋରେନ ପୂର୍ବ ସ୍ୱାସ୍ଥ୍ୟ ବିକାଶ ସମିତି ବୈଠକ ସମ୍ପର୍କରେ ଆଲୋଚନା ନିମନ୍ତେ ଗତ ୨୦ ତାରିଖ ସନ୍ଧ୍ୟାରେ ଜିଲାପାଳ ବିନିତ ଭରଦ୍ୱାଜଙ୍କ ଆବାସିକ କାର୍ଯ୍ୟାଳୟକୁ ଯାଇଥିଲେ। ହେଲେ ସେଠାରେ ଜିଲାପାଳ ତାଙ୍କୁ ଖରାପ ବ୍ୟବହାର ପ୍ରଦର୍ଶନ କରିଥିବା ନେଇ ପିଆରଏମ୍ ମେଡିକାଲ କଲେଜ ସୁପରିଣ୍ଟେଣ୍ଡେଣ୍ଟ ହ୍ୱାଟ୍ସଆପ୍‌ରେ ରାଜ୍ୟ ସ୍ୱାସ୍ଥ୍ୟ ସଚିବଙ୍କୁ ଲିଖିତ ଭାବେ ଅଭିଯୋଗ କରିଛନ୍ତି।

DADLS-124

ଓଡ଼ିଶା ସରକାର

ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳନ ନିମନ୍ତେ ରାଜ୍ୟସ୍ତରୀୟ ସମାରୋହ

୦୨ ଅକ୍ଟୋବର, ୨୦୧୮



ସମୟ – ସକାଳ ଘ.୧୦.୧୦ମି. ସ୍ଥାନ : ବିଧାନସଭା ପ୍ରାଙ୍ଗଣ, ଭୁବନେଶ୍ୱର

ପ୍ରାର୍ଥନା ସଭା

ପ୍ରଫେସର ଗଣେଶୀ ଲାଲ, ମାନ୍ୟବର ରାଜ୍ୟପାଳ, ଓଡ଼ିଶା
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ, ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା
ଶ୍ରୀଯୁକ୍ତ ପ୍ରଦିପ କୁମାର ଅମାତ, ମାନ୍ୟବର ବାଚସ୍ପତି, ଓଡ଼ିଶା ବିଧାନସଭା
ଶ୍ରୀଯୁକ୍ତ ପ୍ରତାପ ଜେନା, ମାନ୍ୟବର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଆଇନ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ
ଶ୍ରୀଯୁକ୍ତ ଅଶୋକ ଚନ୍ଦ୍ର ପଣ୍ଡା, ମାନ୍ୟବର ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ
ଏବଂ ମନ୍ତ୍ରିମଣ୍ଡଳର ମାନ୍ୟବର ସଦସ୍ୟବୃନ୍ଦ, ମାନ୍ୟବର ସାଂସଦ ଓ ମାନ୍ୟବର ବିଧାୟକବୃନ୍ଦ ଏବଂ
ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେବେ ।

| | | |
|---|---|---|
| ପୂର୍ବାହ୍ନ ଘ.୧୧.୩୦ ମି. | ଜୟଦେବ ଭବନ | ଗାନ୍ଧିଜୀ ଓ ଓଡ଼ିଶା ଶୀର୍ଷକ ଫଟୋଚିତ୍ର ପ୍ରଦର୍ଶନୀ । |
| ଅପରାହ୍ନ ଘ.୪.୩୦ ମି. | ରାଜ୍ୟ ଅଭିଲେଖାଗାର | ଗାନ୍ଧୀ ଚର୍ଚ୍ଚା |
| ସନ୍ଧ୍ୟା ଘ.୬.୩୦ ମି. | ଜୟଦେବ ଭବନ | |

ଶାଶ୍ୱତୀ ସାମାଜିକ ଓ ସାଂସ୍କୃତିକ କେନ୍ଦ୍ର ତରଫରୁ ବିଶିଷ୍ଟ କଣ୍ଠଶିଳ୍ପୀ ଶାନ୍ତିଲତା ବାରିକ, ହରପ୍ରିୟା ସ୍ୱାଇଁ, ପ୍ରତିଭା ଦାଶ, ପୁଷ୍ପଲତା ମହାଳିକ, ସୁଲଗ୍ନା ରଥ, ପ୍ରଦୀପ ପଲେଇ, ପ୍ରଭାତ ପାତ୍ର, ନଳିନୀକାନ୍ତ ରଥ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଅଧ୍ୟାପକ ପ୍ରଦୀପ କୁମାର ଦାସ, ଅଧ୍ୟାପକ ଚନ୍ଦନ କୁମାର ଜେନା ଏବଂ ସ୍ମାଇଲ ମହାନ୍ତି, ସୋନାଲି କର ଓ ବସୁନ୍ଧରା ପରିଡ଼ାଙ୍କ ଦ୍ୱାରା ଗାନ୍ଧୀ ଭଜନ ପରିବେଷଣ ।

ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗଦେବାକୁ ଅନୁରୋଧ ।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ଏବଂ
ସୂଚନା ଓ ଲୋକସମ୍ପର୍କ ବିଭାଗ

15001/13/0269/1819

## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ଜୀବନ ଗଲା

ରୂପ୍ସା, ୧।୧୦(ଡି.ଏନ.ଏ.): ବାଲେଶ୍ୱର ସଦର ବ୍ଲକ ରୂପ୍ସା ଥାନା ଅନ୍ତର୍ଗତ ଆଙ୍କୋ ଗ୍ରାମର ସୁଶୀଳା ଦଲେଇ (୪୭) ନାମ୍ନୀ ଜଣେ ମହିଳା ସୋମବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ପ୍ରାଣ ହରାଇଛନ୍ତି।

ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୬/୧୮) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି। ସୁଶୀଳା ଚାଷଜମିକୁ ଯାଇ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ଗ୍ରାମବାସୀ ସଙ୍ଗେ ସଙ୍ଗେ ତାଙ୍କୁ ଉଦ୍ଧାର କରି ରୂପ୍ସା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

### ଚଢ଼ା ଦରରେ କିରୋସିନ ବିକ୍ରି ଅଭିଯୋଗ

ବନ୍ତ,୧।୧୦(ସ୍ୱ.ପ୍ର.): ଭଦ୍ରକ ଜିଲା ବନ୍ତ ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତରେ ପିଡିଏସ୍ କିରୋସିନ ଚଢ଼ା ଦରରେ ବିକ୍ରି ହେଉଥିବା ନେଇ ହିତାଧିକାରୀମାନେ ସୋମବାର ଜିଲାପାଳ ଓ ବିଡିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। କିରୋସିନର ସରକାରୀ ମୂଲ୍ୟ ଲିଟର ପ୍ରତି ୨୪ ଟଙ୍କା ୩୭ ପଇସା ଥିବାବେଳେ ସେମାନଙ୍କଠାରୁ ୨୮ ଟଙ୍କା ନିଆଯାଉଛି। ଏହାକୁ ବିରୋଧ କରି ରାମନାରାୟଣ ଦାସ, ସୀମା ସେଠୀ, ବିଷ୍ଣୁ ଜେନା, ମନମୋହନ ପରିଡା, ଚନ୍ଦ୍ରମଣି ସାହୁ, ଶୁଭସ୍ମିତା ନାୟକ, ସୀତା ପରିଡା, ପ୍ରଫୁଲ୍ଲ ଜେନା, ତପୁ ରାଉତ, ରବୀନ୍ଦ୍ର ଦାସ, ଘନଶ୍ୟାମ ପରିଡ଼ାଙ୍କ ସମେତ ବହୁ ହିତାଧିକାରୀ ଜିଲାପାଳ ଓ ବିଡିଓଙ୍କୁ ଭେଟି ଅଭିଯୋଗ କରିବା ସହ ଏହାର ତଦନ୍ତ ଦାବି କରିଛନ୍ତି।

# ଧାମନଗର କଲେଜରେ ସାଇନ-ଏ-ଡାଏ ଘୋଷଣା

ଧାମନଗର,୧।୧୦(ଡି.ଏନ.ଏ.)

ଭଦ୍ରକ ଜିଲା ଧାମନଗର କଲେଜରେ ନିର୍ବାଚନୀ ପ୍ରସ୍ତୁତି ବୈଠକ ସମୟରେ କଲେଜ ବାହାରେ ଛାତ୍ର ଓ ଅଣଛାତ୍ରଙ୍କ ଦ୍ୱାରା ବୋମାମାଡ଼, ଭଙ୍ଗାରୁଜା ଯୋଗୁ କର୍ତ୍ତୃପକ୍ଷ ସାଇନ-ଏ-ଡାଏ ଘୋଷଣା କରିଛନ୍ତି। ଗଣ୍ଡଗୋଳ ଯୋଗୁ ଏହି କଲେଜରେ ନିର୍ବାଚନ ବାତିଲ କରାଯାଇଛି। ସୋମବାର କଲେଜ ପରିସରରେ ଅଧ୍ୟକ୍ଷ ସୁରଞ୍ଜନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଛାତ୍ରସଂସଦ ନିର୍ବାଚନ ପାଇଁ ପ୍ରସ୍ତୁତି ବୈଠକ ଆରମ୍ଭ ହୋଇଥିଲା। ଏହି ସମୟରେ କେତେଜଣ ଛାତ୍ର ଏବଂ ଅଣଛାତ୍ର ନେତା କଲେଜ ପରିସରରେ ପଶି ହୋହଲ୍ଲା କରିଥିଲେ। ଏଥିସହ କଲେଜ ବାହାରେ ୨ଟି ବୋମା ବିସ୍ଫୋରଣ କରିଥିଲେ।


ଧାମନଗର କଲେଜରେ ପୋଲିସ ମୁତୟନ ରହିଛନ୍ତି।

- ନିର୍ବାଚନୀ ପ୍ରସ୍ତୁତି ବୈଠକ ବେଳେ ଉତ୍ତେଜନା
- କଲେଜ ପରିସରରେ ପୋଲିସ ମୁତୟନ

କଲେଜ ପରିସରରେ ଭଙ୍ଗାରୁଜା କରିବା ସହ ସେମାନେ ନିର୍ବାଚନକୁ ବିରୋଧ କରିଥିଲେ। ନିର୍ବାଚନ ଦ୍ୱାରା କଲେଜରେ ଅଶାନ୍ତ ବାତାବରଣ ସୃଷ୍ଟି, ଶୈକ୍ଷିକ ପରିବେଶ ନଷ୍ଟ ହେଉଛି ବୋଲି କହି ନିର୍ବାଚନ ବନ୍ଦ ପାଇଁ ଦାବି କରିଥିଲେ। ନିର୍ବାଚନ ହେଲେ କଲେଜରେ ଭୟଙ୍କର ପରିସ୍ଥିତି ସୃଷ୍ଟି ପାଇଁ ଅଧ୍ୟକ୍ଷ ଦାୟୀ ରହିବେ ବୋଲି ସେମାନେ ଚେତାବନୀ ଦେଇଥିଲେ। ଏ ସମ୍ପର୍କରେ କଲେଜ କର୍ତ୍ତୃପକ୍ଷ ଧାମନଗର ଥାନାକୁ ଫୋନ କଲ୍ କରି ଜଣାଇଥିଲେ। ଧାମନଗର ଥାନା ପୋଲିସ ପହଞ୍ଚି ଅଧ୍ୟକ୍ଷଙ୍କ ସମେତ ଉପସ୍ଥିତ କର୍ମଚାରୀଙ୍କୁ ଉଦ୍ଧାର କରିବା ସହ ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ଅଧ୍ୟକ୍ଷ ପଣ୍ଡା ବାଧହୋଇ ସାଇନ-ଏ-ଡାଏ ଘୋଷଣା କରିଥିଲେ। ପରେ ଅଧ୍ୟକ୍ଷ ପଣ୍ଡା ଏନେଇ ଧାମନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଧିକ ଗଣ୍ଡଗୋଳ ଆଶଙ୍କାରେ ଧାମନଗର ଥାନା ପକ୍ଷରୁ କଲେଜ ପରିସରରେ ବ୍ୟାପକ ପୋଲିସ ମୁତୟନ କରାଯାଇଛି। ଉଲ୍ଲେଖନୀୟ ଯେ, ଧାମନଗର କଲେଜରେ ଗତ ୫ ବର୍ଷ ଧରି ଛାତ୍ରସଂସଦ ନିର୍ବାଚନ ବିଭିନ୍ନ କାରଣରୁ ହୋଇପାରୁ ନ ଥିଲା।

## ମୁହଁରେ କଳାପଟି ବାନ୍ଧି ଶ୍ରମିକଙ୍କ ବିକ୍ଷୋଭ


ଶ୍ରମିକମାନେ ମୁହଁରେ କଳାପଟି ବାନ୍ଧି ଧାରଣାରେ ବସିଛନ୍ତି।

ବାଲେଶ୍ୱର ଅଫିସ, ୧।୧୦

ବାଲେଶ୍ୱର ବାମପଦାସ୍ଥିତ ବିର୍ଲା ଟାୟାର୍ସ କାରଖାନାରେ କାର୍ଯ୍ୟରତ ଶ୍ରମିକଙ୍କ ଭବିଷ୍ୟତ ଅନିଶ୍ଚିତତା ଦେଇ ଗତ କରୁଛି। ଏହାର ପ୍ରତିବାଦ କରି ବିର୍ଲା ଟାୟାର୍ସ ୱାର୍କର୍ସ ୟୁନିୟନ୍ ତରଫରୁ ସୋମବାର ପୂର୍ବାହ୍ନ ସମୟରେ ଶ୍ରମିକମାନେ ମୁହଁରେ କଳାପଟି ବାନ୍ଧି ପ୍ରତିବାଦ କରିଥିଲେ। ବିର୍ଲା ଟାୟାର୍ସ ପକ୍ଷରୁ ଶ୍ରମିକଙ୍କ ଭବିଷ୍ୟତ ପ୍ରତି ଗୁରୁତ୍ୱ ଦିଆଯାଉ ନ ଥିବା ୟୁନିୟନ୍ ସଭାପତି ରାଜେନ୍ଦ୍ର ବଳ ଅଭିଯୋଗ କରିଛନ୍ତି। ଏହାକୁ ସୁପରିଚାଳନା କରି କାରଖାନାର ସ୍ଥାୟିତ୍ୱ ଏବଂ ଶ୍ରମିକମାନଙ୍କର ଭବିଷ୍ୟତ ସୁରକ୍ଷା କରାଯିବା ଲାଗି ଦାବି କରାଯାଇଛି।

୧୯୯୧ ମସିହାରେ ବିର୍ଲା ଟାୟାର୍ସ ପ୍ରତିଷ୍ଠା ହୋଇଥିଲା। ଏହି ପ୍ଲାଣ୍ଟ ବର୍ତ୍ତମାନ ୩ ଗୁଣା ହୋଇପାରିଛି। କିନ୍ତୁ କର୍ତ୍ତୃପକ୍ଷ ଉତ୍ପାଦନର କ୍ଷତି ହେଉଥିବା ଦେଖାଇ ଶ୍ରମିକମାନଙ୍କୁ ଠକି ଚାଲିଥିବା ଅଭିଯୋଗ ହେଉଛି। ଏ ନେଇ ୨୦୧୦ ବର୍ଷରୁ ୮ଟି ମାମଲା ବିଭିନ୍ନ କୋର୍ଟରେ ବିଚାରାଧୀନ ରହିଛି। କାରଖାନାକୁ ଧୀରେ ଧୀରେ ଅଚଳ ଆଡକୁ ନେବାକୁ ପ୍ରୟାସ କରାଯାଉଥିବା ଶ୍ରମିକମାନେ ଅଭିଯୋଗ କରିଛନ୍ତି। ଉକ୍ତ ୟୁନିୟନ୍‌ର ଛଟେଇ ୨୦୬ ଜଣ ଶ୍ରମିକଙ୍କୁ ପୁନଃ ନିଯୁକ୍ତି ପ୍ରଦାନ, ଡିଗ୍ରେଡେସନ ୨୪ଜଣ ପ୍ରୋବେଶନାରୀ ଶ୍ରମିକଙ୍କୁ ପିଛିଲା ତାରିଖରୁ କନଫର୍ମେସନ୍ ଓ ବକେୟା ପ୍ରାପ୍ୟ ପ୍ରଦାନ ଆଦି ଦାବି କରାଯାଇଛି। ଦାବି ପୂରଣ ନ ହେଲେ ଆନ୍ଦୋଳନ ଜାରି ରହିବ ବୋଲି ଶ୍ରମିକମାନେ ଚେତାବନୀ ଦେଇଛନ୍ତି।

■ ବଳାତ୍କାରର ଶିକାର ନାବାଳିକାଙ୍କ ଆତ୍ମହତ୍ୟା ଘଟଣା

# ଭଦ୍ରକରୁ ଅଭିଯୁକ୍ତ ଗିରଫ

ସିମୁଳିଆ, ୧।୧୦(ଡି.ଏନ.ଏ.)

ବାଲେଶ୍ୱର ଜିଲା ସିମୁଳିଆ ଥାନା ଅଞ୍ଚଳର ଜଣେ ନାବାଳିକା ବଳାତ୍କାରର ଶିକାର ହେବା ପରେ ଲୋକଲଜ୍ଜା ସହି ନ ପାରି ଆତ୍ମହତ୍ୟା କରିଥିଲେ। ଏହି ଘଟଣାରେ ପୋଲିସ ଅଭିଯୁକ୍ତ ଯୁବକ ବୁଦ୍ଧିରାମ ନାୟକ(୩୨)ଙ୍କୁ ସୋମବାର ଭୋର ସମୟରେ ଭଦ୍ରକ ଜିଲା ରାହାଞ୍ଜା ଅଞ୍ଚଳରୁ ଗିରଫ କରିଛି । ବୁଦ୍ଧିରାମ ଜଣେ ଟେଣ୍ଟ ବ୍ୟବସାୟୀ ବୋଲି ଜଣାପଡିଛି। ଗତ ୨୩ ତାରିଖ ସନ୍ଧ୍ୟାରେ ନାବାଳିକା ଜଣଙ୍କ ନିଜ ଘର ନିକଟସ୍ଥ ଦୋକାନକୁ ସଉଦା ଆଣିବା ପାଇଁ ଯାଇଥିବା ବେଳେ ରାସ୍ତାରେ ବୁଦ୍ଧିରାମ ତାଙ୍କୁ ବଳାତ୍କାର କରିଥିଲେ। ପରେ ନାବାଳିକାଙ୍କ ପରିବାର ପକ୍ଷରୁ ଯୁବକଙ୍କ ଘରେ ସୂଚନା ଦିଆଯିବା ସହ ଗ୍ରାମର ଅନ୍ୟ ଭଦ୍ରବ୍ୟକ୍ତିମାନଙ୍କୁ ଜଣାଯାଇଥିଲା। ତେବେ ଏହି ଘଟଣାର କୌଣସି ସମାଧାନ କରାଯାଇ ନ ଥିଲା। ଅପରପକ୍ଷେ ଲୋକଙ୍କ ଟାହିଟାପରା ଅସହ୍ୟ ହେବାରୁ ନାବାଳିକା ଜଣଙ୍କ ଆତ୍ମହତ୍ୟା କରିଥିଲେ। ରବିବାର ସକାଳେ ତାଙ୍କ ମୃତ୍ୟୁ ଘଟଣା ଜଣାପଡ଼ିବା ପରେ ପୋଲିସକୁ ସୂଚନା ଦିଆଯାଇଥିଲା। ନାବାଳିକାଙ୍କ ପରିବାର ପକ୍ଷରୁ ଏତଲାରେ ବଳାତ୍କାର ଅଭିଯୋଗ କରାଯାଇଥିବାରୁ ପୋଲିସ ଏହାକୁ ଗ୍ରହଣ କରି ନ ଥିଲା । ଫଳରେ ରବିବାର ସନ୍ଧ୍ୟା ପର୍ଯ୍ୟନ୍ତ ଶବ ବ୍ୟବଚ୍ଛେଦ ଲାଗି ଯାଇ ପାରି ନ ଥିଲା। ନାବାଳିକାଙ୍କ ପରିବାର ଓ ସ୍ଥାନୀୟ ଜନସାଧାରଣଙ୍କ ଦାବି ପରେ ପୋଲିସ ଏତଲା ରଖିଥିଲା। ଅଭିଯୁକ୍ତଙ୍କ ବିରୋଧରେ ମାମଲା (ନଂ. (୨୪୯/୧୮) ଦଫା ୩୭୬(୩), ୩୦୬, ୨୦୧, ୩୪ ଆଇପିସି, ୪-ପୋସ୍କୋ ଧାରା ଲାଗୁ କରାଯାଇଛି। ଏ ସମ୍ପର୍କରେ ଅଭିଯୁକ୍ତ ବୁଦ୍ଧିରାମ ତାଙ୍କ ନାମରେ ମିଥ୍ୟା ମମଲା ରୁଜୁ କରାଯାଇଥିବା କହିଛନ୍ତି।

## ଯୁବକଙ୍କୁ ହତ୍ୟା ଉଦ୍ୟମ ମାମଲା

## ଫେରାର ଅଭିଯୁକ୍ତ ଗିରଫ

ରୂପ୍ସା, ୧।୧୦(ଡି.ଏନ.ଏ.):

ବାଲେଶ୍ୱର ସଦର ବ୍ଲକ ହଳଦୀପଦା ପାଣ୍ଠି ଅନ୍ତର୍ଗତ ବୁଆଁଳ ଗ୍ରାମର ଯୁବକ ଶରତ କୁମାର ପଣ୍ଡାଙ୍କୁ ହତ୍ୟା ଉଦ୍ୟମ ଘଟଣାରେ ଫେରାର ଥିବା ତପନ କୁମାର ପାତ୍ରଙ୍କୁ ପୋଲିସ ସୋମବାର ଗିରଫ କରିଛି। ଗତ ସେପ୍ଟେମ୍ବର ୧୫ ତାରିଖ ରାତିରେ ଶରତ ଗାଁ ରାସ୍ତାରେ ଯାଉଥିବା ବେଳେ ପାରିକୁଳ ଗ୍ରାମର ଟୁଟୁ ମହାପାତ୍ର ଓ ବିକାଶ ପରିଡ଼ା, ତପନ ପାତ୍ର ମିଶି ଅତର୍କିତ ଆକ୍ରମଣ କରିଥିଲେ। ଶରତଙ୍କୁ ଆକ୍ରମଣ କରିବା ସହ ସ୍ଥାନୀୟ ପୋଖରୀରେ ବୁଡ଼ାଇ ମାରିଦେବାକୁ ଉଦ୍ୟମ କରିଥିଲେ। ଏ ସଂକ୍ରାନ୍ତରେ ସ୍ଥାନୀୟ ଥାନାରେ ଏକ ମାମଲା (ନଂ. ୨୬୯/୧୮) ରୁଜୁ କରି ପୋଲିସ ୨ ଅଭିଯୁକ୍ତ ଟୁଟୁ ମହାପାତ୍ର ଓ ବିକାଶ ପରିଡ଼ାଙ୍କୁ ଗିରଫ କରିଥିଲା। ସେହିଦିନ ଠାରୁ ତପନ ଫେରାର ହୋଇଯାଇଥିଲେ। ଘରେ ଥିବା ଖବର ପାଇ ଫାଣ୍ଡି ଅଧିକାରୀ ବଦ୍ରି ଶଙ୍କର ଷଣ୍ଢ ସଦଳବଳେ ଚଢ଼ାଉ କରି ଅଭିଯୁକ୍ତ ତପନକୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି।

## ଜାମଶୂଳୀ କଲେଜରେ ଗଣ୍ଡଗୋଳ


ଜାମଶୂଳୀସ୍ଥିତ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟରେ ଛାତ୍ରଗୋଷ୍ଠୀ ତୁମୁଳକାଣ୍ଡ

ବସ୍ତା, ୧।୧୦(ସ୍ୱ.ପ୍ର.)

**୩ ଛାତ୍ର ଆହତ**

ବସ୍ତା ବ୍ଲକ ଜାମଶୂଳୀସ୍ଥିତ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ବିଜ୍ଞପ୍ତି ପ୍ରକାଶ ପାଇବାର ଅବ୍ୟବହିତ ପୂର୍ବରୁ କେତେକ ଛାତ୍ରଗୋଷ୍ଠୀ ତୁମୁଳକାଣ୍ଡ ଭିଆଇଛନ୍ତି। ଏଥିରେ ଦୁଇଜଣ ଛାତ୍ର ଆହତ ହେବା ସହିତ ଜଣେ ଛାତ୍ର ଗୁରୁତର ଅବସ୍ଥାରେ ବସ୍ତା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି।

କେତେକ ଛାତ୍ର ଗୋଷ୍ଠୀ କଲେଜ ନିର୍ବାଚନକୁ ବନ୍ଦ କରିବା ଉଦ୍ଦେଶ୍ୟରେ କଲେଜ ଅଧ୍ୟକ୍ଷଙ୍କ ପ୍ରକୋଷ୍ଠ, ଆକାଉଣ୍ଟ ପ୍ରକୋଷ୍ଠ କବାଟ ଏବଂ ଝରକା କାଚ ଭାଙ୍ଗି ଦେଇଛନ୍ତି। ପରିସ୍ଥିତି ଅଣାୟତ୍ତ ହେତୁରନ୍ତ ଅଧ୍ୟକ୍ଷ ଶଙ୍କର ଚରଣ ଜେନାଙ୍କ ଅଧ୍ୟକ୍ଷତାରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଡକାଯାଇ ନିର୍ବାଚନର ବିଜ୍ଞପ୍ତି ପ୍ରକାଶ ସହିତ ନିର୍ବାଚନକୁ ଶୃଙ୍ଖଳିତ କରିବା ପାଇଁ ପଦକ୍ଷେପ ନିଆଯାଇଛି।

# ଖୁଚୁରା ନେବା ଆଳରେ ୪ ହଜାର ନେଇ ଛୁ

ବାଲିଆପାଳ, ୧।୧୦(ଡି.ଏନ.ଏ.)

ବାଲିଆପାଳ ବଜାରର କଟୁଆପଡା ଶିବମନ୍ଦିର ସଂଲଗ୍ନ ତେଜରାତି ଦୋକାନୀ ମନୋଜ ସିଂ ରବିବାର ଅଭିନବ ଉପାୟରେ ଠକେଇର ଶିକାର ହୋଇଛନ୍ତି। ୨ ହଜାର ଟଙ୍କାର ଖୁଚୁରା ନେବାକୁ କହି ଜଣେ ଯୁବକ ୪ହଜାର ଟଙ୍କା ଧରି ଛୁ ମାରିଛନ୍ତି। ମନୋଜ ତାଙ୍କର ନିଜେ ଘରେ ତେଜରାତି ଦୋକାନ କରିଛନ୍ତି। ଜଣେ ଯୁବକ ତାଙ୍କ ଦୋକାନ ଆଗରେ ବାଇକ ଛିଡା କରାଇ ୧୧ଶହ ଟଙ୍କାର ସଉଦା ଅର୍ଡର ଦେଇଥିଲେ। ଦେକାନୀ ମନୋଜ ଚିଠା ମୁତାବକ ସଉଦା କାଢିଲା ପରେ ୧୧ ଶହ ଟଙ୍କା ହୋଇଥିବା କହିଥିଲେ। ଏହି ସମୟରେ ଯୁବକ ଜଣଙ୍କ ୨ ହଜାର ଟଙ୍କା ଖୁଚୁରା ହୋଇପାରିବ କି ବୋଲି ପ୍ରଶ୍ନ କରିଥିଲେ। ମନୋଜ ହଁ ହୋଇପାରିବ ବୋଲି ଘର ଭିତରୁ ଖୁଚୁରା ଟଙ୍କା ଆଣୁଥିଲା ବେଳେ ଯୁବକ ଜଣଙ୍କ ଆଉ ଗୋଟିଏ ୨ ହଜାର ଟଙ୍କାର ଖୁଚୁରା ଆଣିବା ପାଇଁ ଅନୁରୋଧ କରିଥିଲେ। ଏହା ପରେ ମନୋଜ ମୋଟ ୪ ହଜାର ଖୁଚୁରା ଟଙ୍କା ଯୁବକଙ୍କ ହାତକୁ ବଢାଇ ଦେଇଥିଲେ । ଯୁବକ ୧୧ ଶହ ଟଙ୍କା ପଇଠ କରି ସଉଦା ନେବ ବୋଲି ମନୋଜ ଭାବି ନେଇଥିଲେ । ଏହି ସମୟରେ ଯୁବକ ଜଣଙ୍କ ପୁଣି ୧ କେଜି ଡାଲି ଆଣିବାକୁ ମନୋଜଙ୍କୁ କହିଥିଲେ। ସେ ଦୋକାନର ଭିତର ଘରକୁ ଡାଲି ଆଣିବା ପାଇଁ ଯାଇଥିବା ବେଳେ ଏହି ସୁଯୋଗରେ ଯୁବକ ଜଣଙ୍କ ନିଜର ବାଇକ ଷ୍ଟାର୍ଟ କରି ୪ ହଜାର ଟଙ୍କା ଧରି ବାଲିଆପାଳରୁ ବସ୍ତା ରାସ୍ତାରେ ଦ୍ରୁତଗତିରେ ପଳାଇଯାଇଥିଲେ ।




# ଚୋରାମଦ ବିକ୍ରି ବନ୍ଦ ଦାବିରେ ରାସ୍ତାରୋକୋ


ମହିଳାମାନେ ବାସୁଦେବପୁର-ଧାମରା ରାସ୍ତା ଅବରୋଧ କରିଛନ୍ତି।

ପଦ୍ମପୁର,୧।୧୦(ଡି.ଏନ.ଏ.)

ଚୋରାମଦ ବିକ୍ରି ବନ୍ଦ ଦାବିରେ ସୋମବାର ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ବାଲିମୁଣ୍ଡା ବଜାରଠାରେ ମହିଳା ସ୍ୱୟଂସହାୟିକା ଗୋଷ୍ଠୀର ସଭ୍ୟାମାନେ ବାସୁଦେବପୁର-ଧାମରା ରାସ୍ତାରୋକୋ କରିଥିଲେ। ବାଲିମୁଣ୍ଡା ବଜାର ଓ ସ୍ଥାନୀୟ ଅଞ୍ଚଳରେ ଚୋରମଦ ବିକ୍ରିକୁ ନେଇ ବିଭିନ୍ନ ସମୟରେ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିଥିବାରୁ ମହିଳାମାନେ ପୂର୍ବରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏହାସତ୍ତ୍ୱେ ଜିଲା ପ୍ରଶାସନ ଓ ଅବକାରୀ ବିଭାଗ ପକ୍ଷରୁ ଚୋରାମଦ ବିକ୍ରି ବନ୍ଦ ଦିଗରେ କୌଣସି ପଦକ୍ଷେପ ନିଆ ନ ଯିବାରୁ ମହିଳାମାନେ ସୋମବାର ପୂର୍ବାହ୍ନ ୧୧ଟାରୁ ରାସ୍ତାରୋକୋ କରିଥିଲେ। ଫଳରେ ଶତାଧିକ ଯାନବାହନ ରାସ୍ତାର ଉଭୟପାର୍ଶ୍ୱରେ ଅଟକି ରହିବାରୁ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଖବର ପାଇ ନାୟକାଣିଡିହୀ ଥାନା ଏଏସ୍ଆଇ ଦିଲୀପ କୁମାର ଦେହୁରୀ, ଚୁଡାମଣି ସାମୁଦ୍ରିକ ଥାନାଧିକାରୀ ସୁକାନ୍ତି କେରେଇ, ବାସୁଦେବପୁର ପୋଲିସ, ଏସ୍‌ଡିପିଓ ଜଳନ୍ଧର ଜାଲି ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ମହିଳାଙ୍କୁ ବୁଝାଶୁଝା କରିଥିଲେ। ମହିଳାମାନେ ଚୋରାମଦ ବିକ୍ରି ବନ୍ଦ ପାଇଁ ଅଡ଼ି ବସିଥିଲେ। ପୋଲିସ ଓ ପ୍ରଶାସନ ଶେଷରେ ମହିଳାଙ୍କ କଥାରେ ସହମତି ପ୍ରକାଶ କରି ଏହି ଅଞ୍ଚଳରେ ଚୋରାମଦ ବିକ୍ରି ସମ୍ପୂର୍ଣ୍ଣ ବନ୍ଦ ପାଇଁ ପ୍ରତିଶ୍ରୁତି ଦେବା ପରେ ଅପରାହ୍ନ ୩ଟା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।





3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### ଭ୍ୟାନ୍ ଦୁର୍ଘଟଣାଗ୍ରସ୍ତ

**ପାଟଣା, ୧।୧୦(ସ୍ୱ.ପ୍ର.):** ପାଟଣା ବ୍ଲକ ଚାକୁଣ୍ଡା ପାଳ ପଞ୍ଚାୟତ ଜାଡିଚାତର ବାଙ୍କ ନିକଟରେ ସୋମବାର ରାତିରେ ଏକ ଭ୍ୟାନ ଦୁର୍ଘଟଣାଗ୍ରସ୍ତ ହୋଇଛି। (ଜେଏଚ୦୧ଏ ୱାଇ ୮୦୩୪) ନମ୍ବର ଏସଆଇଏସ ସିକ୍ୟୁରୀଟି ସଂସ୍ଥାର ଏକ ଭ୍ୟାନ ଭାର ସାମ୍ୟ ହରାଇ ପାଲଟି ପଡ଼ିଛି। ଗାଡିଟି ବ୍ୟାଙ୍କର ଏଟିଏମ୍‌କୁ ଟଙ୍କା ଯୋଗାଣ କରୁଥିବାର ଜଣାପଡ଼ିଛି। କିଭଳି ପରିସ୍ଥିତିରେ ଦୁର୍ଘଟଣାଗ୍ରସ୍ତ ହେଲା ତାହା ସ୍ପଷ୍ଟ ଜଣାପଡ଼ିନାହିଁ। ଦୁର୍ଘଟଣା ଘଟାଇ ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି।
ତୁରୁମୁଙ୍ଗା ପୋଲିସି ପକ୍ଷରୁ ଏଏସ୍ଆଇ ବିପିନ ବିହାରୀ ବାରିକ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ଲୋକଙ୍କ କହିବା ଅନୁସାରେ ଶରଧାପୁର ପଟୁ ବାଉଁସୁଳି ରାସ୍ତାରେ ଯାଉଥିବା ସମୟରେ ଚାଖୁଣ୍ଡାପାଳ ପଞ୍ଚାୟତ ଜଡ଼ିଚାତର ନିକଟରେ ଦ୍ରୁତ ଗତିରେ ଆସି ରାସ୍ତା କଡ଼କୁ ଗାଡି ଓଲଟି ପଡିଥିଲା। ପୂର୍ବରୁ ଉକ୍ତ ଭ୍ୟାନଟି କେନ୍ଦୁଝର ମାଇନିଂ ନିକଟରେ ଏକ ଅଟୋକୁ ଧକ୍କା ଦେଇ ଆସିଥିବା ଜଣାପଡିଛି।

### ସମାଜ ଗଠନରେ ମା’ଙ୍କ ଭୂମିକା ଅତୁଳନୀୟ

**କେନ୍ଦୁଝର, ୧।୧୦(ସ୍ୱ.ପ୍ର.):** ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ମାତୃଭାରତୀ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁଖ୍ୟ ଅତିଥି ଭାବେ ଡ. ବିଳାସିନୀ ରଥ ଯୋଗଦେଇ ମା’ମାନଙ୍କୁ ମାତୃଭାରତୀର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ବିଦ୍ୟାଳୟ ପରିଚାଳନା ସମିତିର ସମ୍ପାଦକ ରବୀନ୍ଦ୍ର ପଣ୍ଡା ଯୋଗଦେଇ ସମାଜ ଗଠନରେ ମା’ମାନଙ୍କ ଭୂମିକା ଅତୁଳନୀୟ ବୋଲି କହିଥିଲେ।
ବିଦ୍ୟାଳୟ ପ୍ରଧାନାଚାର୍ଯ୍ୟ ରାଜେନ୍ଦ୍ର ପ୍ରସାଦ ଅଗସ୍ତି ମାତୃଭାରତୀର ଲକ୍ଷ୍ୟ ଓ ବିଦ୍ୟାଳୟରେ ସେମାନଙ୍କର କାର୍ଯ୍ୟସୂଚୀ ବିଷୟରେ ଅଭିଭାଷଣ ଦେଇଥିଲେ। ବିଦ୍ୟାଳୟର ମାତୃଭାରତୀ ସଂଯୋଜିକା ମୁଣ୍ଡୀ ରାଉତ, ଆଚାର୍ଯ୍ୟା ସୁପ୍ରୀତି ସେନଗୁପ୍ତ, ସ୍ନେହଲତା ସାହୁ, ବିଜୟିନୀ ଦେବୀ, ସୁଜାତା ମିଶ୍ର, ପୁଷ୍ପାଳି ସାହୁ, ସସ୍ମିତା ପତି, ଝିଲ୍ଲୀ ଗୁମାନ, ବିଶ୍ୱବନ୍ଦିତା ଦାସ, ଲିପିନାରାଣୀ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ମକରା ସାହିରେ ଖୁଦୁରୁକୁଣୀ ଓଷା ଉଦ୍‌ଯାପିତ

**ଆନନ୍ଦପୁର, ୧।୧୦(ସ୍ୱ.ପ୍ର.):** ଆନନ୍ଦପୁରର ବିଭିନ୍ନ ସ୍ଥାନରେ ଖୁଦୁରୁକୁଣୀ ଓଷା ଉଦ୍‌ଯାପିତ ହୋଇଯାଇଛି। ଘଦସିପୁରା ମକରା ସାହିରେ ଓଷା ଧୁମଧାମରେ ପାଳିତ ହୋଇଯାଇଛି। ସଭାପତି ବବି ନାହକଙ୍କ ସଂଯୋଜନାରେ ଆୟୋଜିତ ପୂଜା କାର୍ଯ୍ୟକ୍ରମରେ ଜୟଶ୍ରୀ ନାହାକ, ବନସ୍ମିତା ସାହୁ, ଲିପିରାଣୀ ସାହୁ, ମୋତି ସାହୁ, ସ୍ୱରୂପା ସାହୁ, ମହିମା ଓଝା, ନୀକିତା ସାହୁ, ମଧୁସ୍ମିତା ରାଉତ, ଜ୍ୟୋସ୍ନାନାରାଣୀ ସାହୁ, ରୁବୀନା ସାହୁ, ଛବିରାଣୀ ନାହାକ, ଚାନ୍ଦିନୀ ବାରିକ, ମନୀସା ପ୍ରିୟଦର୍ଶନୀ ସାହୁ ପ୍ରମୁଖ ସଦସ୍ୟଙ୍କ ସହଯୋଗରେ ଓଷା ପାଳିତ ହୋଇଥିଲା। ପୂଜା ମଣ୍ଡପକୁ ରଙ୍ଗୀନ ଆଲୋକମାଳାରେ ସୁସଜ୍ଜିତ କରାଯାଇ ଶ୍ରଦ୍ଧାଳୁଙ୍କୁ ଆକୃଷ୍ଟ କରିବା ପାଇଁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

### ନାଟକ ‘ନିଃଶବ୍ଦ କୋଳାହଳ’ ଉନ୍ମୋଚିତ

**ଚମ୍ପୁଆ, ୧।୧୦(ଡି.ଏନ.ଏ.)**-ଶିବାନୀ ସାହିତ୍ୟ ସଂସଦ ଅନୁକୂଲ୍ୟାରେ ଯୁବ ନାଟ୍ୟକାର ରଘୁନାଥ ମହାନ୍ତଙ୍କ ନାଟକ ‘ନିଃଶବ୍ଦ କୋଳାହଳ’ ଭଣ୍ଡା ପଞ୍ଚାୟତ କାର୍ଯ୍ୟାଳୟଠାରେ ଅଭିଳାସ ପ୍ରଧାନ ଦ୍ୱାରା ଉନ୍ମୋଚନ ହୋଇଥିଲା। ସଂସଦ ସଭାପତି ଗିରିଶ ଚନ୍ଦ୍ର ସିଂଙ୍କ ସଭାପତିତ୍ୱରେ ନାଟ୍ୟ ନିର୍ଦ୍ଦେଶକ ବିପିନ ବିହାରୀ ମହାନ୍ତ ମୁଖ୍ୟ ଅତିଥି, ଶିକ୍ଷାବିତ୍ ଗଣେଶ୍ୱର ମହାନ୍ତ, ଶିକ୍ଷକ ଦଶରଥ ମହାନ୍ତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଓଡ଼ିଶା ନାଟ୍ୟ ସାହିତ୍ୟକୁ କେନ୍ଦୁଝର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ପାଦକ ଡମ୍ବରୁ ମହାନ୍ତ କାର୍ଯ୍ୟକ୍ରମ ଓ ପ୍ରକାଶନ ବିଭାଗର ବିବରଣୀ ଉପସ୍ଥାପିତ କରିଥିଲେ। ନାଟ୍ୟକାର ରଘୁନାଥ ଲେଖକୀୟ ବକ୍ତବ୍ୟ ପ୍ରଦାନ କରିଥିଲେ। ସମାଜର ବାସ୍ତବ ସମସ୍ୟାର ସମାଧାନ, କନ୍ୟାଭ୍ରୂଣ ହତ୍ୟା, ନାରୀ ସମସ୍ୟା ଉପରେ ଅନ୍ୟତମ ଆଲୋଚକ ଓ ଆଲୋଚିକା ପଦ୍ମିନୀ ମିଶ୍ର, ଅବନ୍ତୀ ମହାନ୍ତ ଓ କ୍ଷୀତିସ କୁମାର ମହାନ୍ତ ମତ ଉପସ୍ଥାପିତ କରିଥିଲେ।

# ସବ୍‌ଇନ୍ସପେକ୍ଟର ବିଜୟଙ୍କୁ ପୁରସ୍କାର

**ଆନନ୍ଦପୁର, ୧।୧୦(ସ୍ୱ.ପ୍ର.)**



କେନ୍ଦୁଝର ଜିଲାର ଅଭିଜ୍ଞ ପୋଲିସ ସବ୍ ଇନ୍ସପେକ୍ଟର ତଥା ନନ୍ଦିପଦା ଥାନା ଏସ୍ଆଇ ବିଜୟ ମଲ୍ଲିକ ୬୭ତମ ରାଜ୍ୟ ପୋଲିସ ବୃତ୍ତିଗତ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରି ପୁରସ୍କୃତ ହୋଇଛନ୍ତି। ଏହି ପ୍ରତିଯୋଗିତାରେ ଇନ୍ସପେକ୍ଟର, ସବଇନ୍ସପେକ୍ଟର, ସହକାରୀ ସବଇନ୍ସପେକ୍ଟର, କନେଷ୍ଟବଳଙ୍କ ସମେତ ମୋଟ ୧୯୨ ଜଣ ପୋଲିସ କର୍ମଚାରୀ ଅଂଶ ଗ୍ରହଣ କରିଥିଲେ। ବୃତ୍ତିଗତ ପରୀକ୍ଷାରେ ପୋଲିସ କର୍ମଚାରୀମାନେ ଅତ୍ୟାଧୁନିକ ଜ୍ଞାନ କୌଶଳର ବ୍ୟବହାରକୁ ନେଇ ପରୀକ୍ଷାରେ ସମ୍ମୁଖୀନ ହୋଇଥିଲେ। ଦୁଇ ଦିନ ଧରି ଅନୁଷ୍ଠିତ ହୋଇଥିବା ପ୍ରତିଯୋଗିତାର ଉଦଘାଟନୀ ସମାରୋହରେ ଓଡିଶା ଅଭିସୂଚନା ବିଭାଗର ମାହନିର୍ଦ୍ଦେଶକ ସୁନୀଲ ରାୟ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ଓଡ଼ିଶା ଦଣ୍ଡବିଧି ତଦନ୍ତ ବିଭାଗର ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ସନ୍ତୋଷ କୁମାର ଉପାଧ୍ୟାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।
ଉଦ୍‌ଯାପନୀ ଦିବସ ସମାରୋହରେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଡା. ରାଜେନ୍ଦ୍ର ପ୍ରସାଦ ଶର୍ମା ଉପସ୍ଥିତ ରହି ପ୍ରତିଯୋଗୀଙ୍କୁ ବହୁମୂଲ୍ୟ ଉପଦେଶ ପ୍ରଦାନ କରିଥିଲେ। ବୃତ୍ତିଗତ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ପୁରସ୍କୃତ ହୋଇଥିବା ନନ୍ଦିପଦା ଥାନା ଏସଆଇ ମଲ୍ଲିକଙ୍କୁ ବିଭିନ୍ନ ମହଲରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ମଲ୍ଲିକ ପୂର୍ବରୁ କାର୍ଯ୍ୟରତ ସମୟରେ ବହୁ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ଗ୍ରହଣ କରି ପ୍ରଶଂସାର ପାତ୍ର ହୋଇପାରିଥିଲେ।

## ■ ଚାଉଳ ବଣ୍ଟନରେ ହେରଫେର

# ଧାରଣାରେ ବସିଲେ ହିତାଧିକାରୀ

**ଯୋଡ଼ା, ୧।୧୦ (ଡି.ଏନ.ଏ.)**

ଯୋଡା ବ୍ଲକର ବଲାଣୀ ପଞ୍ଚାୟତରେ ଅନ୍ତ୍ୟୋଦୟ ଯୋଜନାରେ ଅନିୟମିତତା ହୋଇଛି। ଶତାଧିକ କୁଇଣ୍ଟାଲ ଚାଉଳ ବାଟମାରଣା କରାଯାଇଥିବା ନେଇ ସୋମବାର ହିତାଧିକାରୀ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଉକ୍ତ ପଞ୍ଚାୟତରେ ୧୩୭ ହିତାଧିକାରୀଙ୍କ ଚାଉଳ ବାଟମାରଣା ହୋଇଥିବା ଅଭିଯୋଗ ହୋଇଛି। ସମ୍ପୃକ୍ତ ହିତାଧିକାରୀଙ୍କୁ ୬ ମାସ ହେବ ଚାଉଳ ମିଳିନି। ବଣ୍ଟନ ଦାୟିତ୍ୱରେ ଥିବା ଟ୍ରାଇବାଲ କୋ-ଅପରେଟିଭ୍ ସଂସ୍ଥା ପକ୍ଷରୁ ଚାଉଳ ହଡପ କରାଯାଇଥିବା ହିତାଧିକାରୀ ଅଭିଯୋଗରେ ଦର୍ଶାଇଛନ୍ତି। ଲିଖିତ ଭାବେ ସ୍ଥାନୀୟ ସରପଞ୍ଚ, ଯୋଡା ବିଡିଓ, ଚମ୍ପୁଆ ଉପଜିଲାପାଳ ଓ ଯୋଗାଣ ନିରୀକ୍ଷକଙ୍କୁ ଜଣାଇଥିଲେ। ଅଭିଯୋଗ ପରେ ଗତ ୧୪ ତାରିଖରେ ତଦନ୍ତ କରିବା ପାଇଁ ଯୋଗାଣ ନିରୀକ୍ଷକ ଲସର୍ଦା, କନର୍ଦା, ବଡଜଳ, ଧନୁର୍ଜୟପୁର ଗ୍ରାମକୁ ଯାଇ କେତେକ ହିତାଧିକାରୀଙ୍କ କାର୍ଡ ଯାଞ୍ଚ କରିଥିଲେ। ମାତ୍ର ହିତାଧିକାରୀଙ୍କୁ ଚାଉଳ ଦିଆ ନ ଯାଇ ହଡପ କରାଯାଇଥିବା ଅଭିଯୋଗକାରୀ ପ୍ରକାଶ କରିଛନ୍ତି। ଯାଞ୍ଚ ପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ପଞ୍ଚାୟତ ଅଫିସ ଘେରାଉ କରାଯାଇଛି।
ବଲାଣି ସରପଞ୍ଚ ବାସନ୍ତୀ ନାଏକଙ୍କୁ ପଚାରିବାରୁ ଚାଉଳ ମିଳି ନ ଥିବା ହିତାଧିକାରୀ ଜଣାଇଛନ୍ତି। ସେମାନେ ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ କରିବେ ବୋଲି ଜଣାଇଥିଲେ। ବଣ୍ଟନ ଦାୟିତ୍ୱରେ ଥିବା ଆଦିବାସୀ ସୋସାଇଟ କର୍ତ୍ତୃପକ୍ଷଙ୍କୁ ପଚାରିବାରୁ ଚାଉଳ ବଣ୍ଟନ ଦାୟିତ୍ୱ ପଞ୍ଚାୟତର ଥିଲେ ଆପଣ ଏହାର ତଦନ୍ତ କରିପାରନ୍ତେ, ଯେହେତୁ ତାହା ସୋସାଇଟ ମାଧ୍ୟମରେ କରାଯାଉଥିବାରୁ ଆପଣ ଏଥିରେ ହସ୍ତକ୍ଷେପ କରିବେ ନାହିଁ ବୋଲି ଓଲଟା ସୋସାଇଟ ପକ୍ଷରୁ କୁହାଯାଇଥିବା ସରପଞ୍ଚ ବାସନ୍ତୀ ଗଣମାଧ୍ୟମ ଆଗରେ ଅଭିଯୋଗ କରିଛନ୍ତି। ଚାଉଳ ହେରଫେର ନେଇ ଗ୍ରାମର ପୂର୍ବତନ ସରପଞ୍ଚ ମୁଗା ମୁଣ୍ଡା, ୱାର୍ଡ ମେମ୍ବର ସାମୁ ମୁଣ୍ଡା, ହରି ନାଏକ, ବିମଳ ଚନ୍ଦ୍ର ଖିଲାର, ନାଗେଶ୍ୱର ବାରିକ, ଦେବେନ ମୁଣ୍ଡା, ରାଧେଶ୍ୟାମ ଖିଲାର, ସୁରେଶ ଘଣା, ଲକ୍ଷ୍ମିଧର ଆପଟ ଅଭିଯୋଗ କରିଛନ୍ତି।


ଧାରଣାରେ ବସିଥିବା ହିତାଧିକାରୀ।


ପ୍ଲାଷ୍ଟିକ୍ ଫ୍ରି ଅଭିଯାନକୁ କେନ୍ଦୁଝର ଜିଲାର ସ୍କାଉଟ୍ ମାଷ୍ଟର, ଗାଇଡ୍, କ୍ୟାପ୍ଟେନ, ରୋଭର୍ସ ଏବଂ ରେଞ୍ଜର୍ସମାନେ ସମର୍ଥନ ଜଣାଉଛନ୍ତି।

# ମୁକୁଳା ପଡ଼ିଛି ବିଦ୍ୟାଳୟ

**କୋଲିମାଟି, ୧।୧୦**

ଆନନ୍ଦପୁରର ୨୦ ନଂ ଜାତୀୟ ରାଜପଥ କଡ଼ରେ ଥିବା କୋଲିମାଟି ଏମ୍ଇ ବିଦ୍ୟାଳୟର ପାଚେରି ନାହିଁ। ଶ୍ରେଣୀ ଗୃହ ଓ ପାଚେରି ଭଙ୍ଗି ଯାଇଛି। ମୁକୁଳା ବିଦ୍ୟାଳୟରେ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ତିନି ବର୍ଷ ବିତି ଯାଇଥିଲେ ହେଁ ଅଦ୍ୟାବଧି ପାଚେରି ନିର୍ମାଣ କରାଯାଉନି। ନବ ନିର୍ମିତ ଘର ୩ ମାସ ମଧ୍ୟରେ ଫାଟି ଆଁ କରିଛି। କବାଟ ଝରକା ଭାଙ୍ଗିରୁଜି ଗଲାଣି। ପାନୀୟ ଜଳ ପାଇପ ଯୋଗେ ବିଦ୍ୟାଳୟକୁ ପାଣି ଆସିଥିଲା। ରାସ୍ତା କାମ ନେଇଥିବା ଗାୟତ୍ରୀ କମ୍ପାନୀ ଉକ୍ତ ପାଇପ୍‌କୁ ଫଟେଇ ଦେଇଛି। ଫଳରେ ଛାତ୍ରୀଛାତ୍ର ପାନୀୟଜଳ ପାଇବାରୁ ବଞ୍ଚିତ ହୋଇଛନ୍ତି। ସ୍କୁଲ କମିଟିର ସଦସ୍ୟ ଓ ପ୍ରଧାନ ଶିକ୍ଷକ ବାରମ୍ବାର ସମ୍ପୃକ୍ତ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କରିଥିଲେ ହେଁ କୌଣସି ପ୍ରତିକାର କରାଯାଉନି। ପ୍ରତିକାର କରା ନ ଗଲେ ଗ୍ରାମବାସୀ ଜାତୀୟ ରାଜପଥକୁ ଅବରୋଧ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି।


କୋଲିମାଟି ଏମ୍ଇ ବିଦ୍ୟାଳୟ।

## ■ କେନ୍ଦୁଝରରେ ଯୁଗ୍ମ ଅଭିଯୋଗ ଜନଶୁଣାଣି

# ୧୨୭ ମାମଲାର ଫଇସଲା

**କେନ୍ଦୁଝର, ୧।୧୦(ସ୍ୱ.ପ୍ର.)**

ଜିଲାପାଳ ଆଶିଷ ଠାକରେଙ୍କ ଅଧ୍ୟକ୍ଷତାରେ ସୋମବାର କେନ୍ଦୁଝର ଜିଲା ସଦର ମହକୁମାସ୍ଥ ଦରବାର ହଲ୍‌ରେ ଯୁଗ୍ମ ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଶୁଣାଣି କାର୍ଯ୍ୟକ୍ରମରେ ମୋଟ ୨୧୩ ଅଭିଯୋଗ ଗ୍ରହଣ କରାଯାଇଥିଲା। ୧୨୭ଟି ଅଭିଯୋଗ ତୁରନ୍ତ ଫଇସଲା କରାଯାଇଥିଲା। ସମୁଦାୟ ୪୭ଟି ଅଭିଯୋଗ ଗୋଷ୍ଠୀ ସମସ୍ୟା/ଗ୍ରାମ୍ୟ ସମସ୍ୟାମୂଳକ ହୋଇଥିବା ବେଳେ ୧୬୬ଟି ଅଭିଯୋଗ ବ୍ୟକ୍ତିଗତ ସମସ୍ୟା ଉପରେ ପର୍ଯ୍ୟବେସିତ ଥିଲା। ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ପି.କେ. ପରିଡା, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ନୃସିଂହ ଚରଣ ସ୍ୱାଇଁ, ଜାତୀୟ ରାଜପଥର ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ସନ୍ତୋଷ ନାୟକ, କେନ୍ଦୁଝର ଉପଜିଲାପାଳ ସୋମନାଥ ପ୍ରଧାନ, ପି.ଏ. ଆଇଟିଡିଏ, କେନ୍ଦୁଝର ନାରାୟଣ ମୁର୍ମୁ, ଆସିଷ୍ଟାଣ୍ଟ କଲେକ୍ଟର ଶିବବ୍ରତ ତ୍ରିପାଠୀଙ୍କ ସମେତ ଜିଲାସ୍ତରୀୟ ଏବଂ ବ୍ଲକ୍‌ସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଜିଲାପାଳ ଶ୍ରୀ ଠାକରେ ରୋଗୀଙ୍କ ଚିକିତ୍ସା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ଟଙ୍କା ମଞ୍ଜୁର କରିଥିଲେ।

# ଜନଜାତି ସାଂସ୍କୃତିକ ଉତ୍ସବ

**ଚମ୍ପୁଆ, ୧।୧୦(ଡି.ଏନ.ଏ.)**

ସ୍ୱତନ୍ତ୍ର ଉନ୍ନୟନ ପରିଷଦ କେନ୍ଦୁଝର ଆନୁକୂଲ୍ୟାରେ ବ୍ଲକସ୍ତରୀୟ ଅନୁସୂଚିତ ଜନଜାତି ସାଂସ୍କୃତିକ ଉତ୍ସବ ସ୍ଥାନୀୟ ନେହେରୁ ଷ୍ଟାଡିୟମଠାରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଗଣଶିକ୍ଷା ଏବଂ ବିଜ୍ଞାନ କାରିଗରୀ ବିଭାଗ ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର ମୁଖ୍ୟ ଅତିଥି, ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି କେନ୍ଦୁଝର ଏମ୍‌ପି ଶକୁନ୍ତଳା ଲାଗୁରୀ, ସମ୍ମାନିତ ଅତିଥି ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ରାମରାଇ ମୁନ୍ଦୁୟା, ପୂର୍ବତନ ଏମ୍‌ପି ଯୋଶବନ୍ତ ନାରାୟଣ ସିଂ ଲାଗୁରୀ, ମାଧବ ସର୍ଦ୍ଦାର, ବିଡିଓ ନୁପୁର ଚାନ୍ଦଗୋଟିଆ, ଅତିରିକ୍ତ ମଙ୍ଗଳ ଅଧିକାରୀ ଜୀବନ ସିଂ ମୁଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ଅନୁସୂଚିତ ଜନଜାତିଙ୍କ ବିକାଶ ସହିତ ଲୋକ କଳା, ଲୋକ ନୃତ୍ୟ, ଶାଳ ଓ ଶିକ୍ଷା ସହିତ ସାଂସ୍କୃତିକ ପରମ୍ପରା ଏବଂ ଭାବ ବେଗକୁ ସାଂସ୍କୃତିକ ଉତ୍ସବ ସଦୃଢ କରିବ ବୋଲି ଅତିଥିମାନେ ମତ ବ୍ୟକ୍ତ କରିଥିଲେ। ଜନଜାତିମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ପଦ୍ମପୁର ଡିଗ୍ରୀ କଲେଜରେ ସ୍ୱଚ୍ଛ ଭାରତ ଅଭିଯାନ

**ରାଇସୁଆଁ, ୧।୧୦(ଡି.ଏନ.ଏ.)**

କେନ୍ଦୁଝର ଜିଲା ସଦର ବ୍ଲକ ପଦ୍ମପୁର ଡିଗ୍ରୀ କଲେଜରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷା କ୍ଷଣପ୍ରଭା ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଅଧ୍ୟାପକ ଦେବେନ୍ଦ୍ର ନାଥ ପଡିଆରୀ, ତପନସେଠୀ, ସତ୍ୟବ୍ରତ ସାହୁ ପ୍ରମୁଖ ଉପସ୍ଥିତ ଥିଷଲ। କେନ୍ଦୁଝର ଏନସିସିରେ କାର୍ଯ୍ୟରତ ଏନ. ହରିନାରାୟଣ, ସୁବେଦାର ଦରବାନସିଂ ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରୀଛାତ୍ର ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଶିବ ମନ୍ଦିର, ପଦ୍ମପୁର ବଜାର ସଫେଇ କରିଥିଲେ।




# ସ୍ୱାସ୍ଥ୍ୟକେନ୍ଦ୍ର ପରିସର ସଫେଇ

**ବଡବିଲ, ୧।୧୦(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ବଡବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ରବିବାର ସଫେଇ ଅଭିଯାନ ହୋଇଥିଲା। ଆମ୍ଭା ସେବା ସମିତି ପକ୍ଷରୁ ସଂଗୀତା ଚାତମ୍ବା, ଭଗବାନ ଚାତମ୍ବା, ଶ୍ରୀନିବାସ ଜେନା ଓ ସ୍ୱେଚ୍ଛାସେବୀ ସଫେଇ ଅଭିଯାନରେ ସାମିଲ ହୋଇଥିଲେ। ସେମାନଙ୍କ ସହ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ଓ କର୍ମଚାରୀ ମଧ୍ୟ ସାମିଲ ହୋଇଥିଲେ।

# ‘ତୁରନ୍ତ ଗୃହ ଯୋଗାଇଦିଅ’

**କେନ୍ଦୁଝର, ୧।୧୦(ସ୍ୱ.ପ୍ର.)**

ଶିଶୁମାନଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇଦେବା ସହ ପ୍ରାକ ପ୍ରାଥମିକ ଶିକ୍ଷା ଦେବା ପାଇଁ ସରକାରଙ୍କ ଜିଲା ସମାଜ ମଙ୍ଗଳ ବିଭାଗ ଅଧୀନରେ ଅଙ୍ଗନୱାଡି କାର୍ଯ୍ୟକ୍ରମ ଚାଲିଛି। ଏହା ଛଡା ଉକ୍ତ କେନ୍ଦ୍ର ଜରିଆରେ ଗର୍ଭବତୀ ଓ ପ୍ରସୂତି ମହିଳାଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇ ଦିଆଯାଇଥାଏ। ଜିଲାରେ ବହୁ କେନ୍ଦ୍ରର ନିଜସ୍ୱ ଗୃହ ନ ଥିବାରୁ ବହୁ ଅସୁବିଧାରେ କେନ୍ଦ୍ର ଚାଲୁଛି। ଜିଲା ମୁଖ୍ୟାଳୟରେ ସ୍ଥାନୀୟ ବୁଲାଦାର ସାହିରେ ୨୦ ବର୍ଷ ହେଲା ଅଙ୍ଗନବାଡି କେନ୍ଦ୍ର ଚାଲିଥିଲେ ହେଁ ନିଜସ୍ୱ ଘର ନାହିଁ। ସାହିର ୧ ନମ୍ବର କେନ୍ଦ୍ରରେ ୧୫ ଜଣ ଶିଶୁ ପ୍ରାକ ଶିକ୍ଷା ଲାଭ କରୁଥିବା ବେଳେ ୮ ଜଣ ଗର୍ଭବତୀ ଓ ୧୩ ଜଣ ପ୍ରସୂତି ମହିଳାଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇ ଦିଆଯାଉଛି।
ନିଜସ୍ୱ ଗୃହ ନ ଥିବାରୁ ଖୋଲା ଆକାଶ ତଳେ ଓ ଅସୁରକ୍ଷିତ ଅବସ୍ଥାରେ କେନ୍ଦ୍ର ଚାଲିଛି। ତୁରନ୍ତ ଗୃହ ଯୋଗାଇଦେବାକୁ ସ୍ଥାନୀୟ ସାହିବାସୀ ଲିଖିତ ଜଣାଇଛନ୍ତି। ବର୍ଷା ଦିନରେ କେନ୍ଦ୍ର ସହାୟିକା ବାରଣ୍ଡାରେ ଖାଦ୍ୟ ବଣ୍ଟନ କରାଯାଉଛି। ଫଳରେ ଶିଶୁମାନଙ୍କ ସୁରକ୍ଷାକୁ ନେଇ ସାହି ବାସୀ ଚିନ୍ତା ପ୍ରକଟ କରି ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ସରୋଜିନୀ ନାଏକ, ସୁକାନ୍ତୀ ନାଏକ, ଦିବ୍ୟାରାଣୀ ନାଏକ, ମମତା ନାଏକ, ମଞ୍ଜୁ ନାଏକ, କମଳି ନାଏକ, ପ୍ରମିଳା ନାଏକ, ସାରୀ ଦେହୁରି, ସୁଲୋଚନା ନାଏକ, ସୀତା ନାଏକ ସମେତ ୪୦ରୁ ଊର୍ଦ୍ଧ୍ୱ ମହିଳା ଲିଖିତ ଭାବରେ ଜିଲାପାଳଙ୍କୁ ଅବଗତ କରାଇଛନ୍ତି।


ଅଭିଯୋଗ କରିବାକୁ ଆସିଥିବା ମହିଳା।

## CLASSIFIED DISPLAY










